ମିଳନ-ମାଧୁରୀ

ନାଟକ ।

ପ୍ରକାଶକ
ଶ୍ରୀ ଦାଶରଥି ଦାସ ।

Digitized by srujanika@gmail.com

ମିଳନ-ମାଧୁରୀ

ନାଟକ ।

ଭୂତକାରୀ

ଶ୍ରୀ ବୈଷ୍ଣବ ଚରଣ ଦାସ ବାବାଜୀଙ୍କ ରଚିତ ।

ଶ୍ରୀ ଦାଶରଥି ଦାସଙ୍କ ଦ୍ୱାରା ପ୍ରକାଶିତ ।

ପ୍ରଥମ ସଂସ୍କରଣ ।

କଟକ-ଅରୁଣୋଦୟ ପ୍ରେସରେ ମୁଦ୍ରିତ ।

ମୂଲ୍ୟ ୦ · ।୵ ଛଅଣା ମାତ୍ର ।

Digitized by srujanika@gmail.com

ମେଳନମାଧୁରୀ ଅଭିନୟର

ଲୀଳା ବିନୋଦକାରୀମାନଙ୍କ ପରିଚୟ ।

ପୂର୍ଣ୍ଣମାସୀ—ଯୋଗମାୟା (ଅଘଟନ ଘଟନକାରିଣୀ)

ଶ୍ରୀକୃଷ୍ଣ—ନନ୍ଦନନ୍ଦନ (ସ୍ୱୟଂ ଗୋଲୋକେଶ୍ୱର)

ସୁବଳ—ଶ୍ରୀକୃଷ୍ଣଙ୍କ ପ୍ରିୟ ନର୍ମ୍ମ ସଖା ।

ମଧୁମଙ୍ଗଳ—ଶ୍ରୀକୃଷ୍ଣଙ୍କ ଅନ୍ତରଙ୍ଗ ସଖା

ଶ୍ରୀରାଧା—ବୃଷଭାନୁରାଜାଙ୍କ ଜେମା (ଶ୍ରୀକୃଷ୍ଣଙ୍କହ୍ଲାଦିନୀ ଶକ୍ତି)

ଲଳିତା—ଶ୍ରୀରାଧାଙ୍କ ଅନ୍ତରଙ୍ଗା ସଖୀ ୧ ମା

ବିଶାଖା—ଶ୍ରୀରାଧାଙ୍କ ପ୍ରିୟ ନର୍ମ୍ମ ସଖୀ । ୨ୟ

ଚିତ୍ରା—ଶ୍ରୀରାଧାଙ୍କ ପ୍ରିୟସଖୀ । ୩ୟା

ଚମ୍ପକଲତା—ଶ୍ରୀରାଧାଙ୍କ ପ୍ରିୟସଖୀ । ୪ର୍ଥା

ଇନ୍ଦୁରେଖା—ଶ୍ରୀରାଧାଙ୍କ ପ୍ରିୟସଖୀ । ୫ମା

ତୁଙ୍ଗବିଦ୍ୟା—ଶ୍ରୀରାଧାଙ୍କ ପ୍ରିୟସଖୀ । ୬ଷ୍ଠା

ସୁଦେବୀ—ଶ୍ରୀରାଧାଙ୍କ ପ୍ରିୟସଖୀ । ୭ମା

ରଙ୍ଗଦେବୀ—ଶ୍ରୀରାଧାଙ୍କ ପ୍ରିୟସଖୀ । ୮ମା

ବୃନ୍ଦା—ଶ୍ରୀରାଧା କୃଷ୍ଣଙ୍କ ଦୂତୀ ।

କୁନ୍ଦଲତା—ଶ୍ରୀକୃଷ୍ଣଙ୍କ ଭ୍ରାତୃଜାୟା ।

ଲବଙ୍ଗମଞ୍ଜରୀ—ଶ୍ରୀରାଧାଙ୍କ ଉପସଙ୍ଗିନୀ ।

ଅନଙ୍ଗମଞ୍ଜରୀ—ଶ୍ରୀରାଧାଙ୍କ କନିଷ୍ଠା ଭଗ୍ନୀ ।

ତୁଳସୀମଞ୍ଜରୀ—ବୃନ୍ଦାଦେବୀଙ୍କ ପରିଚାରିକା ।

ଲୀଳାନନ୍ଦ—ଶ୍ରୀକୃଷ୍ଣଙ୍କ ହାସ୍ୟକାରିଣୀ ଓ ଶ୍ରୀରାଧାଙ୍କ ପ୍ରିୟସଖୀ ।

Digitized by srujanika@gmail.com

ମିଳନ-ମାଧୁରୀ

ନାଟକ ।

ପ୍ରଥମ ଅଙ୍କ ।

ପ୍ରଥମ ଦୃଶ୍ୟ-ପ୍ରେମସରୋବରତୀର ।

ଭଗବତୀ ପୌର୍ଣ୍ଣମାସୀଙ୍କ ପ୍ରବେଶ ।

ପୌର୍ଣ୍ଣମାସୀ—ଯୁବତୀ ଚଉଦ୍ରେଶ୍ୱର ବୃନ୍ଦାବନଚନ୍ଦ୍ର ଆଜ ରାଧାପ୍ରେମରେ ମହାପାଗଳ, ସେ ବନଦେବୀ ବୃନ୍ଦାକୁ ଦୂତୀ କରି ରାଧାନିକଟକୁ ପଠାଇଛନ୍ତି, ରାଧା ତେଣେ ଗତରାତ୍ରିର ସ୍ୱପ୍ନ ପ୍ରସଙ୍ଗ ଚନ୍ଦ୍ରାଙ୍କର କଳାକାନ୍ତିଙ୍କୁ ଝୁରି ହେଉଛି, ତା ମନରେ ପୁଣ କଅଣ ଭାବ ହସୁଛି, କାନ୍ଦୁଛି, ଫୁଲତୋଳୁଛି; ଜାଣିଲି-ଏହା ଗାଢ଼ ପ୍ରେମର ଲକ୍ଷଣ, ମୁଖରା ବୁଢ଼ୀଠାରୁ ରାଧାର ଅବସ୍ଥା ଶୁଣିଲି ବେଳୁଂ କଳ୍ପିତ ଭାବନାଶୀଳା ଥିଲି; ଏବେ ସେ ଭ୍ରମ ଦୂର ହେଲା, ମୁଁ ତ ଯୁଗଳ ମିଳନର ମୂଳ କାରଣ, ଚିନ୍ତା କରୁଛ କିଆଁ ? ଯାବଟକୁ ଯାଇ ପ୍ରେମମୟୀର ଉତ୍କଣ୍ଠା ବଢ଼ାଇବି । ଅଉ ମଧ୍ୟ ଲଳିତା, ବିଶାଖା, ଚିତ୍ରା, ଚମ୍ପକଲତା, ରଙ୍ଗଦେବୀ, ସୁଦେବୀ, ଇନ୍ଦୁରେଖା, ତୁଙ୍ଗବିଦ୍ୟା, କୁନ୍ଦଲତା ଓ ଅନଙ୍ଗମଞ୍ଜରୀ ପ୍ରଭୃତି ସଖୀମାନଙ୍କ ସଙ୍ଗେ ରାଧା ଯେପରି କୁଞ୍ଜାଭିସାରିଣୀ ହେବ ତାହାର ଚେଷ୍ଟା କରିବି । ଯାଏଁ (ପ୍ରସ୍ଥାନ)

ସୁବଳ ଓ ମଧୁମଙ୍ଗଳଙ୍କ ପ୍ରବେଶ ।

ସୁବଳ—(ଶ୍ରୀକୃଷ୍ଣଙ୍କୁ ଅନ୍ୱେଷଣ କରି) କାହ୍ନୁ ଭାଇ ହୋ ! କାହିଁ

Digitized by srujanika@gmail.com

ଭାଇ ! କେଉଁଠି ଅଛ କହ୍ନେଇ ! କେତେବେଳୁତ ଆମମାନଙ୍କ ସଙ୍ଗଛାଡ଼ି ଚାଲି ଆସିଛ, କୁଆଡ଼େ ଅଛ ଭଲ ଦେଖା ଦିଅ !

ମଧୁ—ସୁବଳ ! ଆଉ ଏତେ ଖୋଜିପାରିବା ନାହିଁ, ଆସ ଆସ ଲେଉଟି ଯିବା, ସେ ରାଧାପ୍ରେମପାଗଳାଟାତ ରାଧା ରାଧା ହୋଇ କେଉଁଠି ଜ୍ଞାନ ହରେଇ ପଡ଼ିଯିବଣି, ତା'ର କଣ ଖୋଜଖବର ମିଳିବ ? ଆସ ଯମୁନାକୂଳକୁ ଯାଇ ଗାଈ-ମାନଙ୍କୁ ପାଣି ପିଆଇବା । କାହ୍ନୁ କାହ୍ନୁ ହୋଇ ଆଉ ଭଲବଲ ହେବା ଅବଶ୍ୟକ ନାହିଁ ।

ସୁବଳ—ଭାଇ ମଧୁ ! ତୁମ୍ଭେ ସିନା କଠିନ ହୃଦୟ, ମୁଁ ତ କୃଷ୍ଣଙ୍କୁ ନ ଦେଖିଲେ ପ୍ରାଣଧରି ରହିପାରିବି ନାହିଁ ! ଚାଲ ଏ ବନ-ଯାକ ବୁଲି ବୁଲି ଖୋଜିବା, ନଇଲେ ତୁମ୍ଭେ ଗଲେ ଯାଅ ପଛକେ ମୁଁ ଏକା ଏକା କାହ୍ନୁଭାଇକି ଖୋଜିବି ।

ନେପଥ୍ୟେ—(ବଂଶୀଧ୍ୱନି)

ମଧୁ—ସୁବଳ ! ଶୁଣ, ଶୁଣ, ସେହି ତମାଳକୁଞ୍ଜଆଡ଼େ କାହ୍ନୁ ବଂଶୀ ବାଉଛି, ଆସ ଆସ ସେଠାକୁ ଯିବା, ଚପଳ ଆସ (ପ୍ରସ୍ଥାନ)

ପଟପରିବର୍ତ୍ତନ ।

ଦ୍ୱିତୀୟ ଦୃଶ୍ୟ—ଶ୍ରୀରାଧାଙ୍କ ପୁଷ୍ପବାଟିକା ।

(ସଖିଗଣ ବେଷ୍ଟିତା ଶ୍ରୀରାଧା ବସି ଫୁଲଗୁନ୍ଥୁଥିବା)

ଶ୍ରୀରାଧା—(ଫୁଲ ଗୁନ୍ଥୁ ଗୁନ୍ଥୁ) ସଖି ଲଳିତେ ! ଆଜ ମୁଁ ଗୋଟିଏ ସ୍ୱପ୍ନ ଦେଖିଛି, ତାହା କହିବି ଶୁଣିବ ?

ଲଳିତା—କହନାଅଁ କି ସ୍ୱପ୍ନ ଦେଖିଛ ରାଧେ !

ଶ୍ରୀରାଧା—ସଖି ! ମୁଁ ଏଇ ସ୍ୱପ୍ନ ଦେଖିଲି ଯେ, ନାହ୍ନୁଅ ନୀଳମଣିଙ୍କ ତୁଳେ ଆମେମାନେ ସମସ୍ତେ ଫଗୁଖେଳୁଛେଁ । ଆଉ ସୁବା-ସିତ ଲାଲ ଜଳରେ ପିଚକାରୀ ମରାମରି ହେଉଛେଁ, ପୁଣି

Digitized by srujanika@gmail.com

ଫୁଲହାରରେ ତାଙ୍କୁ ମଣ୍ଡଣି କରି ହୃଦକମଳ ଦେଉଥିଲେଁ, ଏହି ସମୟରେ ମୋ ନିଦ ଭାଙ୍ଗିଗଲା । ଆହା ! କି ସୁନ୍ଦର ସ୍ୱପ୍ନଟିଏ ଦେଖିଥିଲି ? ସଖି ! ଏ ସ୍ୱପ୍ନଟି ଭଲ କି ମନ୍ଦ କହିଲ ?

ବିଶାଖା—ହଇ ଗୋ ! ହୃଦୟନାଥ ଶ୍ୟାମସୁନ୍ଦରଙ୍କୁ ଯେତେବେଳେ ସ୍ୱପ୍ନ ଦେଖିଛ, ତାହା ମନ୍ଦ ହେବ କାହିଁକି ? ଏ ଶୁଭ ସ୍ୱପ୍ନ ।

ଲଳିତା—ରାଧେ ! ମୁଁ ଜାଣି ପାରୁଛି ଆଜି ବନମାଳୀଙ୍କ ସଙ୍ଗେ ଶୁଭ-ମିଳନ ହେବ, ଆଜି ବାଧାବିଘ୍ନ କିଛି ଘଟିବ ନାହିଁ ।

ଶ୍ରୀରାଧା—ତେବେ ଚମ୍ପକ ଫୁଲ ଗୁନ୍ଥା ସାରି, ତାଙ୍କ ଦର୍ଶନକୁ ଯିବା ।

ବିଶାଖା—ଏଥିରେ ଆଉ ହେଲା ଅଛି ସଖି ! ଆମେମାନେ ସବୁ-ଜାଣି ଜାଣି ଆଜି ବହୁତ ଗୁଡିଏ ଫୁଲ ତୋଳିଛୁଁ ।

ନେପଥ୍ୟେ—(ବୃନ୍ଦାଙ୍କ ନୂପୁର ଧ୍ୱନି)

ଶ୍ରୀରାଧା—(ସେହି ଦିଗକୁ କର୍ଣ୍ଣଡେରି) ସଖି ! ରହ ରହ, କିଏ ଆସୁଛି

ଲଳିତା—(ତେଣେ ଚାହିଁ) ଧନି ! ସୁଯୋଗକୁ ବୃନ୍ଦା ଆସିଲେଣି ।

ବୃନ୍ଦାଙ୍କର ପ୍ରବେଶ ।

ଶ୍ରୀରାଧା—ବୃନ୍ଦେ ! କେଉଁଠାରୁ ଆସିଲ ?

ବୃନ୍ଦା—ତମାଲ ନିକୁଞ୍ଜ ଠାରୁ

ଶ୍ରୀରାଧା—ସଖି ! ଆଜି କୃଷ୍ଣଙ୍କ ସହିତ ତମର ଦେଖା ହୋଇଛି ତ ?

ବୃନ୍ଦା—ହଁ ଦେଖା ହୋଇଛି, ମୁଁ ସବୁ ତାଙ୍କର ଲାଗି ତମ ନିକଟକୁ ଆସିଛି ।

ଶ୍ରୀରାଧା—ତାଙ୍କର ଲାଗି ? ଆହା ! ବୃନ୍ଦେ ଗୋ ! ଏ ହତଭାଗିନୀ କୁରୂପିଣୀ ଗୁଣହୀନା ପାଖକୁ ତମକୁ ସେ ପଠାଇଛନ୍ତି ? ସଖି ! ତାଙ୍କ ମନରେ ସତେ ଏ କଙ୍କସ କଥା ଭାବୁଛନ୍ତି ?

ବୃନ୍ଦା—ଭାବମୟି ରାଧେ ଗୋ ! ତା' କଅଣ କହୁଛ, ସେ ତମର ଯିବା ପଥକୁ ଚାହିଁ ଚାହିଁ ଘନକୁ ଚାତକ ଭଳି ହେଲେଣି ।

Digitized by srujanika@gmail.com

ଗୀତ ।

ଅଗୋ ଭାବମୟି ! ଅଗୋ ଭାବମୟି ! ଶୁଣ ଶୁଣ ଭାନୁ ଜେମା-ଦେଇ । ଘନକୁ ସ୍ୱଚକ ଭଳ ଘନଶ୍ୟାମ ତୋ ଯିବା ପଥକୁ ସ୍ମର୍ହି ସ୍ମର୍ହି । ପଦ । ସେବତୀ ଫୁଲକୁ ଅଳ ଚୁମ୍ବିବାର ଦେଖି ସେ ମୋହନ ବନମାଳୀ । କସ ମନେ ଭଳ କେଜ଼ ନୀର ଢ଼ାଳ ବସିଛନ୍ତି ଦୁଃଖେ ପ୍ରିୟ ଅଳୀ ॥ ଅଗୋ ଭାବମୟି ! ଅଗୋ ଭାବମୟି ! ତୋ ହୃଦ ରତନ ସେ ମାଧୋଇ । ଧାଉଛନ୍ତି ତୋର ଗୁଣ ଗାଉଛନ୍ତି ମୋହନ-ବଂଶୀ ଅଧରେ ଦେଇ । ୧ । (ବ୍ରଜବାସୀ)

ଶ୍ରୀରାଧା—ସଖି ! ନୀଳମଣିଙ୍କର ଆଜ ସବୁ କୁଶଳ ତ ?

ବୃନ୍ଦା—ସଖେ ! ତାଙ୍କ କୁଶଳ କଥା କହୁଛ ଶୁଣ ।—

ସେ ତମର ରୂପ ଗୁଣକୁ ଝୁର ଝୁର ଝାଉଁଳଲା ନବୀନ-ତମାଳ ପର ତେଜସ୍ୱୀନ ହୋଇ ଗଲେଣି, ମୁଗ୍ଧେ ! ତମ ଅଭିସାର ନିମନ୍ତେ ମତେ ସେ କେତେ ରୂପେ ପ୍ରାର୍ଥନା କର ପଠେଇଛନ୍ତି, ତେବେ ସୁସମୟରେ ଅଭିସାର କର ତାଙ୍କ ଦୁଃଖ ଯାତନା ହରଣ କର, ଦେଖ ସଖେ ! ଆଜ ବାସନ୍ତୀ ପୂର୍ଣ୍ଣିମୀରେ ମନ୍ଦ ମନ୍ଦ ହୋଇ ଦକ୍ଷିଣ ଦଗରୁ କପର ମଳୟ ପବନ ବହୁଛ, ଆଉ ମନୋହର ପୁଷ୍ପ ଗନ୍ଧରେ ଚତୁର୍ଦ୍ଦିଗ ଆମୋଦିତ ହେଉଛ; କୋଇଲି ସ୍ୱନ କ ସୁନ୍ଦର କୁହୁ କୁହୁ ନାଦରେ ହୃଦୟକୁ ପୁଲକିତ କରେଇ ଦେଉଛ, ପୁଣି ଶୁଣ, ଭ୍ରମରମାନଙ୍କ ଝଙ୍କାର ନିନାଦ ମଙ୍ଗଳ ଶଙ୍ଖପର ସରବେ ହେଉଛ, ପ୍ରେମ-ମୟି ! ଆଜ ଶୁଭମୁହୂର୍ତ୍ତରେ ନିକୁଞ୍ଜବିହାରୀଙ୍କ ନିକଟକୁ ଅଭିସାରଣୀ ହୁଅ ।

ଗୀତ ।

କୁଞ୍ଜେ ବଜସ୍ୱେ ଗୋ କର କୁଞ୍ଜରଗାମିନୀ । ବାଜୁ କଣି କଣି କଟ୍ଟ ରତନ କଙ୍କିଣୀ । ଘୋଷା । ଭୁଙ୍ଗ ହଦ୍ୟା ତମ୍ମବାଜା ସର୍ଧୀରେ

Digitized by srujanika@gmail.com

ବଜାଉ ଗୋ । ରଙ୍ଗେ ନାଚୁ ରଙ୍ଗଦେବୀ ସୁଦେବୀକା ଗାଉ । ୧ ।
ନାନା ନୃତ୍ୟ ଗୀତ ରସ ବିଳାସ ପ୍ରକଟ ଗୋ । ତନ, ଘନ, ଢଗ
ଢଗାନ୍ତର ପୂର ଉଠୁ । ୨ । ଗୋରୀ ଚନ୍ଦ୍ରମୁଖୀ ରାଧେ ଯଶୋଜନସୁଣୀ
ଗୋ । କନ୍ଦର୍ପ ମୋହିନୀ ରମ୍ଭା ଉର୍ବ୍ବ ତିଲୋତ୍ତମା । ୩ । ରାଧେ ରସବତୀ
ପ୍ରେମାମୃତ ଭଣ୍ଡାରଣୀ ଗୋ । ବନେଜକର ବୃନ୍ଦାବନେ ଏ ବୃନ୍ଦାବାଣୀ,
ଘେନ । ୪ । (୯ଶ୍ରୀଚନ୍ଦନ)

ଲଳିତା—ବୃନ୍ଦେ ! କୃଷ୍ଣଙ୍କୁ ତ ଅଭିସାର କରିବାକୁ କହୁଚ, ଅଭ
ଠକ ଚନ୍ଦ୍ରାମଣିଙ୍କ ଠକାଇ ପାଲରେ ଆମ ରାଧା ପଡ଼ିଯିବେ
ନାହିଁ ତ ? ସେ ଯେ ଶଠମାନଙ୍କର ଗୁରୁ ।

ବୃନ୍ଦା—ସଖି ! ଶଠଙ୍କ ଗୁରୁବୋଲି ଯାହା କହିଲ ତା ସତ, କିନ୍ତୁ
ଅଜ ସେ ଭିବ ଘଟିବା ଅସମ୍ଭବ, କାରଣ, ଦେବୀ ପୌର୍ଣ୍ଣମାସୀ
ମୋତେ ଏକଥା ଭଲରୂପେ ବୁଝେଇ ଦେଇଛନ୍ତି, ଅଜ
ରାଧା ମାଧବଙ୍କର ନିମେଷେ ମାତ୍ର ବିଚ୍ଛେଦ ଘଟିବ ନାହିଁ,
ତେବେ ମୋ କଥାକୁ ବିଶ୍ୱାସ କର ।

ଲଳିତା—ବନଦେବି ! ତୁମ କଥାକୁ କିଏ କେବେ ଅବିଶ୍ୱାସ କରି
ଥାଏ କି ? ଯଦି ଅଜ ଶୁଭମିଳନରେ ବାଧା ବିଘ୍ନ କିଛି ନ
ଘଟିବ, ତେବେ କାତ୍ୟାୟନୀ ମହାମାୟୀଙ୍କ ନିକଟରେ କାଲି
ଖୁବ୍ ଭୋଗରାଗ କରିବା । ଏବେ ଅଭିସାର ବିଧାନର
ଦ୍ରବ୍ୟଗୁଡ଼ିକ ସଜାଡ଼ିବା ଅସ ।

ବିଶାଖା—ଚାଲ ଗୋ, ଶୁଭକାର୍ଯ୍ୟରେ ହେଳା କରିବା ଅବଶ୍ୟକ ନାହିଁ;
ଚାଲ; ଚାଲ, ଶୀଘ୍ର ଚାଲ ।

(ସମସ୍ତଙ୍କର ପ୍ରସ୍ଥାନ)

Digitized by srujanika@gmail.com

ତୃତୀୟ ଦୃଶ୍ୟ—ତମାଳକୁଞ୍ଜ ।

(ଶ୍ରୀକୃଷ୍ଣ ବଂଶୀ ଧରି ରାଧାନାମ ଗାନକରୁଥିବା)

ଗୀତ ।

ରାଧା ନାମାମୃତ କର ପାନ ରେ, ଭୃଙ୍ଗମନ !
ରାଧାନାମ ଗାନେ ଲଗା ଧ୍ୟାନ ରେ, ଭୃଙ୍ଗମନ ! । ଘୋଷା ।
ରାଧା ରୂପର ମାଧୁରୀ, ସେତ ଅପୂରୁପ ଶିରୀ,
ନାହିଁ ନାହିଁ ଏ ତିନ ଭୁବନରେ । ୧ ।
ରାଧା ମୋ ଜୀବ ଜୀବନ, ରାଧା ମୋ ସର୍ବସ୍ୱ ଧନ,
ରାଧା ମୋ ଭଜନ ପୂଜନ ରେ । ୨ ।
ରାଧା ଶୟନେ ସ୍ୱପନେ, ରାଧା ଭବନେ ବପିନେ,
ରାଧାମୟ ଦେଖେ ମୋ ନୟନ ରେ । ୩ ।

(ଧୂର୍ଜ୍ଜି, ମଧୁମଙ୍ଗଳଙ୍କ ପ୍ରବେଶ ।)

ମଧୁ—ଦେଖ ହୋ-ଦେଖ ! ନାରୀମନଚୋର ତ ଏଇଠି ଅମ୍ଭେ ବନଯାକ ଖୋଜି ଖୋଜି ଏତେ ହଇରାଣ ହେଉଛୁଁ, ସେ କେଉଁଠି ପାଇବା ? (ଶ୍ରୀକୃଷ୍ଣଙ୍କୁ) ହଇ ହେ ଶଠଶିରୋମଣି ! ଏଠି ଏକା ଏକା ବସି କଣ ଗୁଣୁଗୁଣୁ ହେଉଛ ? କେଉଁ ଯୁବତୀ ତୁମ୍ଭ ଚକ୍ଷୁ ଭିତରେ ଲାଖିରହିଛି କି ? କଅଣତ ରା ରା ରା ରା ଖାଲି ଜପିଲାଗିଛ, ହୁଁ—ଜଣାଗଲା, ଜଣାଗଲା ।

[କରତାଳି]

ଶ୍ରୀକୃଷ୍ଣ—ବନ୍ଧୁ ! ତୁମ୍ଭେ ଏ ଥଟ୍ଟା କଅଣ ଛାଡ଼ିବ ନାହିଁ ? ମୋର ଦୁଃଖବେଳେ ମଧ୍ଯ କରତାଳି ମାରି ଆନନ୍ଦ ହେଉଛ ?

ମଧୁ—ତୁମ୍ଭର ପୁଣି ଦୁଃଖଟାଏ କାହୁଁ ଆସିଲା ? ତୁମ୍ଭେ ପରା ସଚ୍ଚିଦାନନ୍ଦମୟ ?

ଶ୍ରୀକୃଷ୍ଣ—ତା ସତ, କିନ୍ତୁ ରାଧାରୂପ ଅଦର୍ଶନରୁ ଘୋର ଦୁଃଖରେ ପଡିଛ ସ୍ୱର୍ଣ୍ଣ, ମୋ ଆନନ୍ଦଦାୟିନୀ ବିନା ସବୁ ଅନ୍ଧକାର ଦେଖୁଛି ସଖା ।

Digitized by srujanika@gmail.com

ମଧୁ—ବୋଧହୁଏ ରାଧା ତମ ଅଙ୍ଗରେ ଅନ୍ଧପଟୁଳି ବାନ୍ଧିଦେଇଛି । ସେଇତ ଲାଗି ଅଖି ଥାଉଁ ଥାଉଁ ଅନ୍ଧ ହୋଇ ଯାଇଲଣି ।

ବଳ—ବନ୍ଧୁ ! ପୁଣି ସେଇ ଥଟ୍ଟା କରିବାରେ ଅଛୁ ?
(ଶ୍ରୀକୃଷ୍ଣଙ୍କ ପ୍ରତି) ସଖେ ! ଆସ ଆସ ରାଧାଙ୍କ ଅଭିସାର ପାଇଁ ସ୍ଥିରଗୃର କରିବା ।

ଶ୍ରୀକୃଷ୍ଣ—ସୁବଳ ! ମୁଁ ଏଥି ପୂର୍ବରୁ ବୃନ୍ଦାକୁ ପଠାଇଛି; ସେ ତାହାର ପ୍ରତିକାର କରିବ ।

ସୁବଳ—ତେବେ ଚିନ୍ତାକରିବା କି ଆବଶ୍ୟକ ?

ମଧୁ—ହା ! ହା ! ହା ! ଏ ଚିନ୍ତାମଣିଙ୍କ ଚିନ୍ତାକଥା ପୁଣି ପଚାରୁଛ, କହେ, ଏତେବେଳେ ତାଙ୍କୁ ଯେଉଁ ରୋଗ ଧରିଛି, ସେ ରୋଗ ତ ଅଟଳ ରୋଗ । ଦେଖୁ ନାହିଁ (ଛାତିରେ ହାତ-ମାରି) ଓଃ ଏ ତାତି କଅଣ କମ୍ ତାତି ? ବାପରେ, ବାପ; ଏ ଭଳିଆ ଅଚିନ୍ତା ବ୍ୟାଧିର ଔଷଧ ଏକା ସେହି ରସନିଧି, ରସନିଧି ତା ଛଡ଼ା କାହିଁରେ ହେଲେ ଏ ଜ୍ୱର ଭଲ ହେବ ନାହିଁ । ସଖା ଆମ୍ଭର ବଡ଼ ହଇରାଣରେ ପଡିଗଲେ, ପଡିଗଲେ । ଯାହା ହେଉ ସୁବଳ ! ଏ ଜ୍ୱର ଛାଡ଼ିବା ଭଳି ଉପଚାର ନ କଲେ ଆଉ ଗତି ନାହିଁ । (ଶ୍ରୀକୃଷ୍ଣଙ୍କ ପ୍ରତି) ସଖା ! ଉଠ, ଉଠ, ଚପଳ ଗୋଧନ ବାହୁଡ଼ା କାର୍ଯ୍ୟଟା ସାରି ଦେଇ ସଙ୍କେତ କରିଥିବା କୁଞ୍ଜରେ ହାଜର ହେବା ଚେଷ୍ଟାକର ।

ସୁବଳ—ଆସ ପ୍ରିୟସଖା ! ତେଣେ ଆଉ ସଖାମାନେ ଆମ୍ଭଙ୍କୁ ଖୋଜୁଥିବେ, ଏଣେ ବେଳ ଅବସାନ ହୋଇ ଆସିଲାଣି, ଗାଈ-ମାନଙ୍କୁ ନେଇ ଘରକୁ ଯିବା ଆସ । (ଶ୍ରୀକୃଷ୍ଣଙ୍କୁ କୋଳକଲେ)

ଶ୍ରୀକୃଷ୍ଣ—(ଦୁଇସଖାଙ୍କ କନ୍ଧରେ କରଭର ଦେଇ ପ୍ରସ୍ଥାନ)

ପଟ୍ଟ ପରିବର୍ତ୍ତନ ।

Digitized by srujanika@gmail.com

ଚତୁର୍ଥ ଦୃଶ୍ୟ । କୁସୁମିତ ବୃନ୍ଦାବନ ।

[ପ୍ରସନ୍ନମନେ ପୌର୍ଣ୍ଣମାସୀଙ୍କ ପ୍ରବେଶ ।]

ଗୀତ ।

ଧନ୍ୟ ଧନ୍ୟ ଧନ୍ୟ ଏ ମଧୁର ବୃନ୍ଦାବନ ।
ଧନ୍ୟ ଧନ୍ୟ ଧନ୍ୟ ତୁମ୍ଭେ ତରୁ ଲତାଗଣ ॥
ଆଜ ଚୈତ୍ର ଶୁକ୍ଳପକ୍ଷ ବାସନ୍ତ ପୂର୍ଣ୍ଣିମା ।
ଯୁଗଳ ମିଳନ ହେବେ କାହ୍ନୁ ଭାନୁଜେମା ॥
ଫୁଲ ଶେଯେ ବିଳସିବେ କିଶୋର କିଶୋରୀ ।
ଧନ୍ୟ ହେବ ଦେଖି ନେତ୍ରେ ମିଳନ ମାଧୁରୀ ॥
ଚିତ୍ରା ଚମ୍ପକ ଲତିକା ବିଶାଖା ଲଳିତା ।
ସେବାରେ ଥିବେ ସୁଚିତ୍ରା ବୃନ୍ଦା କୁନ୍ଦଲତା ॥
ଇନ୍ଦୁରେଖା ରଙ୍ଗଦେବୀ ସୁଦେବୀ ସହିତେ ।
ତୁଙ୍ଗବିଦ୍ୟା ଆଦ ସଙ୍ଗେ ଥିବେ ନୃତ୍ୟ ଗୀତେ ॥
ଶୁକ ସାରୀ ହଳଦୀ ବସନ୍ତ କେକୀ ପିକ ।
ସୁମଧୁର ସ୍ୱନେ ଦେଉଥିବେ ଜୟ ଡ଼ାକ ॥
ମଧୁର ଗୁଞ୍ଜନେ ମଧୁକର ପନ୍ତ ପନ୍ତ ।
ଫୁଲେ ଫୁଲେ ମଧୁ ଚୁମ୍ବୁଥିବେ ପ୍ରେମେ ମାତ ॥
ବହୁଥିବ ଧୀରେ ମୃଦୁ ମଳୟ ପବନ ।
ବାସନ୍ତୀକ ସୌରଭେ ମୁଗ୍ଧ ହେବ ମନ ॥
ଦେବ ଦାସୀ ମାନଙ୍କର ପୁଷ୍ପ ବୃଷ୍ଟି ହେବ ।
ବୃନ୍ଦାବନ ରସସ୍ଥଳ ଉଚ୍ଛୁଳ ପଡ଼ିବ ॥
ନୃତ୍ୟ ନାୟିକାମାନଙ୍କ ସଙ୍ଗେ ନଟେଶ୍ୱର ।
ମଜ୍ଜିବେ ନୃତ୍ୟ ଲୀଳାରେ ନିଶି ହେବ ଭୋର ॥
ହଇଁ ଅପିଳଣି ଶୁଭେ ପୁନଅର ଜନ୍ମ ।
ଅଧା କି ସୁଦନ ତାର ବଜତ କରଣ ॥

Digitized by srujanika@gmail.com

ଏଣେ ଶୁଭିଲାଣି ଶୁଭ ହୁଳହୁଳି ଧ୍ୱନି ।
ଏହିକ୍ଷଣି କୁଞ୍ଜେ ବିଜେ ହେବେ ରାଧାରାଣୀ ॥

(ଯୋଗମାୟା ଗାନ କରନ୍ତ ଧୀରେ ଧୀରେ ହସି ହସି ପ୍ରସ୍ଥାନକାଳେ ପରଦା ପତନ ।)

ଦ୍ୱିତୀୟ ଅଙ୍କ ।

ପ୍ରଥମ ଦୃଶ୍ୟ । କୁସୁମିତ ବନପଥ ।

ଶ୍ରୀରାଧାଙ୍କୁ ଘେନି ସଖୀଗଣ ଆନନ୍ଦମନେ ଗାନ ସହ ପ୍ରବେଶ ।

ଗୀତ ।

ଚଳ ଚଳ ଚଳ କୁଞ୍ଜେ କୁଞ୍ଜରଗାମିନୀ ।
ଗୃହେଁ ବହିଥିବେ ଚିତ୍ତଚୋର ନୀଳମଣି । ଘୋଷା ।
ବାନ୍ଧୁ କିଣି କିଣି କଟି କିଙ୍କିଣୀ ଲଳିତେ ।
ଧର ଗୋ ତାମ୍ବୁଳ ବଟା ସଙ୍ଗିନୀ ଲଳିତେ । ୧ ।
କର୍ପୂର ଗନ୍ଧ ଚନ୍ଦନ ଧର ଗୋ ବିଶାଖେ ।
ଚାଲ ଗୋ କୃଷ୍ଣ ଭ୍ରମର ଚମ୍ପକ ଲତିକେ । ୨ ।
ନୀଳ ପୀତ ବାସ ଧର ଚିତ୍ରା ବିଚକ୍ଷଣା ।
ବଜାଅ ଗୋ ତୁଙ୍ଗବିଦ୍ୟା ମୃଦୁ ମୃଦୁ ବୀଣା । ୩ ।
ଆରମ୍ଭ ଗୋ ନୃତ୍ୟ ଗୀତ ଅଗୋ ଇନ୍ଦୁରେଖା ।
ସୁବାସିତ ଜଳ ଝରି ଧର ସୁଦେବିକା । ୪ ।
ରାଗ ରାଗିଣୀ ଉଚ୍ଚାର ଅଗୋ ରଙ୍ଗଦେବୀ ।
ମିଳନ ହୋଇବେ କୁଞ୍ଜେ ବଲ୍ଲଭ ବଲ୍ଲଭୀ । ୫ ।
ଅଗୋ ବୃନ୍ଦେ ପ୍ରେମାନନ୍ଦେ ଦିଅ ଜୟଧ୍ୱନି ।
ଜୟ ଶ୍ରୀ ରାଧିକେ ଜୟ ସଖି ବିନୋଦିନୀ । ୬ ।
ଧର ଗୋ ତୁଳସୀ ଜୟ ଶଙ୍ଖ ଭେରୀ ତୂରୀ ।
ପଦ୍ମିନୀ ମଣାଅ ଧୀରେ ଅନଙ୍ଗ ମଞ୍ଜରୀ । ୭ ।

Digitized by srujanika@gmail.com

ଅଟେ ସଙ୍ଗିନୀଏ ସବେ ହଅ ହୁଳହୁଳ ।
ମହୋତ୍ସବେ ବୃନ୍ଦାବନ ପଡ଼ୁ ଗୋ ଦହୁଳ ।୮।
ମଞ୍ଜରୀଏ ଧର ଛନ୍ଦ ତରଯ ଅଡ଼େଣୀ ।
କୁଞ୍ଜ ଅଭିସାରେ ଚଳେ ଆମ୍ଭ ରାଧାରାଣୀ ॥
ମାର ଲବଙ୍ଗ ମଞ୍ଜରୀ ଫଗୁ ପିଚକାରୀ ।
ପିକଦାନୀ ଖଞ୍ଜି ଥାଉ ବିନୋଦ ମଞ୍ଜରୀ ।୯।

(ନୃତ୍ୟ ଓ ଗାନ ସହିତ ସଖିଗଣ ଆନନ୍ଦିତ ମନେ ପ୍ରସ୍ଥାନ)

ପଟପରିବର୍ତ୍ତନ ।

ଦ୍ୱିତୀୟ ଦୃଶ୍ୟ—ନନ୍ଦୀଶ୍ୱର ।

(ଶ୍ରୀକୃଷ୍ଣ ଛନ ଛନ ମନେ ଅଗ୍ରସର)

ଗୀତ ।

ରସରଙ୍ଗିଣୀ ମୋ ପରାଣ ସଙ୍ଗିନୀ
ଅଟୁ ରେ ମାନସ ଉନ୍ମାଦନୀ ।
ଶରଣ ବତ୍ସଳା, ଗୁରୁ ପ୍ରେମ ଶୀଳା,
ସରସରସମୟୀ ବିନୋଦିନୀ ।
ହୃଦ ବିଳାସିନୀ । ନିକୁଞ୍ଜ ରାଣୀ ମୋ ଆହ୍ଲାଦିନୀ ।୧।
ମରାଳଗମନା, ହରିଣୀ ନୟନା,
କୋକିଳ ବଚନୀ ପୀନସ୍ତନୀ ।
କାଞ୍ଚନ ବରଣୀ, ପ୍ରେମଦାୟୀ ଧନୀ,
ସୁଫେନ ବସନୀ, ଯୋଷାମଣି ।
ସ୍ମରୁ ନିତମ୍ବିନୀ, କୁନ୍ଦଦନ୍ତୀ କର୍ପୂର ବାସିନୀ ।୨।
ଅରେ ଗୁଣମଣି, ତୋର ଗୁଣ ଶୁଣି,
ସରବ କି ହେବସ ରଜନୀ ।

Digitized by srujanika@gmail.com

ନବ ଯଉବନୀ,   ନବାନୁରାଗିଣୀ,
ପ୍ରୀତି ତରଙ୍ଗିଣୀ ପଦ୍ମପାଣି ।
ଅବେ ସୁଲକ୍ଷଣୀ, ମିଳାଇଦିଅ ମୋ କୁରଙ୍ଗିଣୀ । ୩ ।

ଶ୍ରୀକୃଷ୍ଣ-(ସ୍ୱଗତ) ଅହା ! ପ୍ରେମମୟି ଗୋ ! ସତେ ଅଜ ତମାଳକୁଞ୍ଜକୁ ଅଭିସାରଣୀ ହୋଇ ମୋ ହୃଦୟ ତାପ ବିନାଶ କରିବୁ ? ପେଶିଥିଲି ଇତିପୂର୍ବେ ବୃନ୍ଦାକୁ ତୋ ପାଶେ, କହିଥିବତ ସକଳ ସମାଚାର ଧନ ! ମୋ ଦୁଃଖ କାହାଣୀ ଶୁଣି ସେ ଦୂତିକା ମୁଖୁଁ, ବାଧିଥିବ ପରା ତୋତେ କଷ୍ଟତେ ଅବଶ୍ୟ ? ଜାଣେ ମୁହିଁ ଅଛୁ ତୁ ଗୋ କୃଷ୍ଣଗତ ପ୍ରାଣା, ହା କୃଷ୍ଣ ବୋଲି ଦିବସ ରଜନୀ, ଚିନ୍ତା କରୁଥାଉ ପରା ଦର୍ଶନ ଲାଳସେ । ଅସମୟେ ଦେଖା ଯେଣୁ ନ ପାଉ ମୋହର, କେତେ ସନ୍ତାପ କରୁ ତୁ ଏକାନ୍ତରେ ବସି । ଆଜ ସେହି ଦୁଃଖରାଶି ଯାଇଥିବ ବହି, ଦେଖିବା ଯାଏ ତୁ ମୋତେ ଅବେ ସ୍ୱରୁଣୀଳା ! ଅଶନ ବସନ ଲାଗୁଥିବ ବିଷପରି, ସଖୀମାନେ ବେଷ୍ଟିଦେଇ ବତାଇବା କାଳେ, କହୁଥିବୁ ପରା ତାଙ୍କୁ ମନୋଗତ ଭାବ ! ଅବ୍ୟକ୍ତ ମଧୁର ପ୍ରେମ ତୋର ମୋର ଯେଣୁ, ନିମିଷେ ଅନ୍ତର ହେଲେ ଲାଗେ ଯୁଗ ସମ, ହା ପ୍ରାଣାଧିକେ ରାଧିକେ ଅସୁଥିବୁ ପରା, ନିକୁଞ୍ଜକୁ ସୁଲଳିତ ମନ୍ଥରଗମନେ, ସଖିଗଣ ମଧ୍ୟେ ଯଥା ତାରା ମଧ୍ୟେ ଶଶୀ, ସେହିପରି ଦିଶୁଥିବୁ ପରାଣ ପିତୁଳି; ମିଳ ଏବେ ସଙ୍କେତକୁ ତୋ ଦର୍ଶନ ଆଶେ; ଏହି ଶୁଭ ମୁହୂର୍ତ୍ତରେ ଅବେ ଜବାଧିବ ! ଯୋଗମାୟା ସୁପ୍ରସନ୍ନେ ବାଧା ବିଘ୍ନ ଯେତେ, ସେ ସମସ୍ତ ହେବ ଦୂର ଅଜବେ ନିଶ୍ଚୟ ! ମଧୁମୟ ମଧୁକାଳ ରଜନୀ ପୂର୍ଣ୍ଣିମା; ଅହା ! କି ସୁଷମା ଯୋଗ ମାହେନ୍ଦ୍ର ଅମୃତେ ।

Digitized by srujanika@gmail.com

ନେପଥ୍ୟରୁ—(ତୁଳସୀ ମଞ୍ଜରୀଙ୍କ ପ୍ରବେଶ ଓ ପ୍ରଣାମ)

ଶ୍ରୀକୃଷ୍ଣ—(ମନେ ହସି) କି ଗୋ ତୁଳସି ! ଖବର କଅଣ ?

ତୁଳସୀ—ସମସ୍ତ କୁଶଳ, ବନଦେବୀ କହୁଛନ୍ତି—କୁଞ୍ଜକୁ ବିଜେ କରନ୍ତୁ । ଦାସୀ ମେଲାଣି ନେଉଛି ।

[ଏହା କହି ପ୍ରସ୍ଥାନ]

ଶ୍ରୀକୃଷ୍ଣ—ଆଉ ବିଳମ୍ବରେ ପ୍ରୟୋଜନ ନାହିଁ । ସଙ୍କେତ କୁଞ୍ଜକୁ ଯିବି । [ପ୍ରସ୍ଥାନ]

ପଟ୍ଟ ପରିବର୍ତ୍ତନ ।

ତୃତୀୟ ଦୃଶ୍ୟ । ବୃନ୍ଦାବନର ଏକ ପ୍ରଦେଶ ।

(ସଖୀଗଣ ବେଷ୍ଟିତା ଶ୍ରୀ ରାଧାଙ୍କ ପ୍ରବେଶ ।)

ଲଳିତା—ରାଧିକେ ! ଦେଖ କି ସୁନ୍ଦର ଜହ୍ନ ଉଠିଛି ।

ବିଶାଖା—ଧନ ! ଆଜ ତୁମ୍ଭ ପାଖରେ କି ଶୋଭା ନ ଦିଶିବ ନୀଳହୀରାଟି ?

ବୃନ୍ଦା—ମିଳିଗଲେ ଚିନ୍ତା ଦୂର ହୋଇ ଯାଉଛି ?

କୁନ୍ଦଲତା—ପ୍ରେମରସ ଭୋଳେ ଦୁହେଁ ଗଲେ ମାତିଛି ?

[illegible]—ନୋହିଲେ କପର ଖସିବ ଅଙ୍ଗ ତାତିଛି ?

ଚିତ୍ରା—ଅଗୋ ! ଏଇଥିପାଇଁ ପବନ ଗଲା ଆମ୍ଭ ଜାଣିଛୁ ?

ଚମ୍ପକଲତା—ଖାଲି ଏତିକି ? କେତେ ବସିଗଲା ଅପଖ୍ୟାତିଛି !

ଇନ୍ଦୁରେଖା—ବନ୍ଧୁସୀଏ ହୋଇବାରୁ ସାଥିଛି ?

ଶ୍ରୀରାଧା—ସଖିଏ ଗୋ ! ଯାହା ଇଚ୍ଛା ତାହା କହିଲ ମୋର ସକଳ ସମ୍ପତ୍ତି ନୀଳ ମୂର୍ତ୍ତିଟି

ଲଳିତା—ହଁ ଗୋ ରାଧେ ! ଆମେମାନେ ଯେପରି ସଦା ଦେଖୁଥାଉଁ କଳା ଗୋରା ଲାଗୁଛି !

Digitized by srujanika@gmail.com

ତୁଙ୍ଗବିଦ୍ୟା—କଥା କହୁଁ ୨ ଗୁଡ଼ାଏ ପଦକ ବଖାଣି ଗଲ ଯେ ସଖି !

ଲଳିତା—ତୁଙ୍ଗବିଦ୍ୟେ ! ତୁମେ ଯେ ଆମମାନଙ୍କ ସଙ୍ଗରେ ପଦେ ଅଧେ ପଦକ ନ ଯୋଡ଼ି ମାରିବ ହେଲ ?

ବିଶାଖା—ଅଟିଗୋ, ସେ ପଦକ କଅଣ କହିବେ ? ଆମ ଜେମାମଣିଙ୍କି ଗୋଟିଏ ଗାନ ଶୁଣାନ୍ତୁ ।

ଚିତ୍ରା—ସତ କହିଲ ବିଶାଖେ ! ତୁଙ୍ଗବିଦ୍ୟା ତ ଆମମାନଙ୍କ ମଧ୍ୟରେ ଗାୟିକା ଶିରୋମଣି, ଗାଆନ୍ତୁ ଗାଆନ୍ତୁ, ଆମ ସ୍ୱାମିନୀଙ୍କ ମନ ମାନିଲା ଭଳି ଗୋଟିଏ ମଧୁର ସଙ୍ଗୀତ ଗାଆନ୍ତୁ ।

ଚମ୍ପକଲତା—ଧର ଗୋ ବୀଣା, ଗାନପ୍ରବୀଣା,
ତୁଙ୍ଗବିଦ୍ୟା ସଖି ! ଧ୍ୱନିକି ଧ୍ୱନା ।

ବିଶାଖା—[ହସି ହସି] ବେଶ୍ ବେଶ୍ ଚମ୍ପକଲତା ତ ଭଲ ହେଇ ପଦେ ଗାଇଦେଲେ ।

ତୁଙ୍ଗବିଦ୍ୟା—ଅଗୋ, ବିଶାଖେ ! ସେ ପରା ଜଣେ ପଣ୍ଡିତା, କଥା କହି-ବାରେ କାହିଁକି କରିବେ ଦିକା ? ଗାଉଛି ଗାଉଛି ଶୁଣ—

ଗୀତ ।

ରାଧା ପରି ରାଧା ସିନା ଗୋ ସଙ୍ଗିନି !
ରାଧା ପରି ରାଧା ସିନା ।

ଆଉ ଯେତେ ବ୍ରଜେ ରମଣୀ ଅଛନ୍ତି; ସର୍ବେ ପିତ୍ତଳ ସେ ସୁନା ।
(ସଖି) ସ୍ତ୍ରୀ ମାତ୍ରକ ଅଛନ୍ତି ଯେତେକ,
ସର୍ବେ ପିତ୍ତଳ ସେ ସୁନା । ଘୋଷା ।

ଦଳିତାଞ୍ଜନକୁ ହସୁଛି ଯା କାନ୍ତି ସେ ଶ୍ୟାମ ପାଶରେ ଝଳେ ।
ହରିତାଳ ବୋଳି ହେଲା ପରି ଦିଶେ କାନ୍ତିରେ କେ ତାହା ତୁଲେ ।୧।
କଳାକର ତ କଳା କରେ ରହିଲା ମୁଖକୁ ନୋହି ତୁଳନା ।
ଯାପାରେ ତପ କରୁଛି ଗଙ୍ଗାତଟେ ହର ଜଟା ବନେ ଅନା । ୨ ।

Digitized by srujanika@gmail.com

ଅଖିଳ ତାର ଅନାଇ ଦେଇ ମୁଖ ବୁଲାଇ ଦେଲେ ଏଣିକି ।
ଦଶଦଣ ଯାକ ନୀଳୋତ୍ପଳମସ୍ତୁ ଧଣ୍ଟିଛ ହେବା କଥା କି ? । ୩ ।
ସତଯାକ ଜାତ ପାଖୁଡ଼ା ଶେଯରେ ପଦ୍ମଢ଼ ଥାଉଚ ଲୋଟି ।
ମଉଳୁ ନାହିଁ କଷ୍ଟତେ ହେଲେ ଅଙ୍ଗେ ଟେକୁ ବସି ଦଣେ ଫୁଟି । ୪ ।
ଶତକୋଟି ଗୋପୀ କାଲି ବୋଲୁଥିଲେ ଶୁଣୁଥିଲୁ ତ ସଭରେ ।
ଆମ୍ଭ ନେତ୍ର ପୁଣ୍ୟଫଳ ସଖୀ ଥାଉ ସଦା! ଶ୍ରୀକୃଷ୍ଣ କୋଳରେ ।୫।
କହୁଥିଲେ ଗର୍ଗ ପୂର୍ବେ ପୂର୍ଣ୍ଣବ୍ରହ୍ମ ସନାତନ ବୋଲି ଯାକୁ ।
ସେ ବ୍ରଜବଧୂଏ କେମନ୍ତ ନୋହିଲେ ଥିଲା ଅଧୀନ ହେବାକୁ । ୬ ।

[ଗୋପାଳକୃଷ୍ଣ]

ଲଳିତା—(ହସିକରି) ଭୁଙ୍ଗବଦନୀ ସଖି ! ସମସ୍ତ ଜାଣି ଭଲ ଗୀତଟିଏ ଗାଇ ଦେଲ ଗୋ, ଏ ଗୀତ କାହା ମନକୁ ନ ଆସିବ କହିଲ ?

ବିଶାଖା—ସଖି ଲଳିତେ ! ଆମ ସଖୀଙ୍କ ତପସ୍ୟା କମ ନୁହେଁ, ପୂର୍ଣ୍ଣବ୍ରହ୍ମ ହରି ପୂର୍ଣ୍ଣକଳା ଧାରଣ କରି ଏ ବୃନ୍ଦାବନରେ ବିହାର କରୁଛନ୍ତି ଗୋଲୋକପୁରୀ ଶୂନ୍ୟ ହୋଇଛି ବୋଲି ଦିନେ ନାରଦ ମହାଋଷି କହୁଥିଲେ ସତ ? କାହାଲାଗି ଗୋଲୋକ ଶୂନ୍ୟ ? ଆମ ସଖୀଙ୍କ ଲାଗି ସିନା, ଅଜ ଗୋଲୋକ ଭୁବନ ଅନ୍ଧକାର ?

ଚମ୍ପା—ସଖୀଙ୍କ ବ୍ରତ ଫଳରୁ ।

ଲଳିତା—ସଖି ସଖେ ! ତୁମ୍ଭେ କି ବ୍ରତ କରି କେଉଁଠୁ ଏ ବର ପାଇଥିଲ ? ଯାହା କି କୋଟିବ୍ରହ୍ମାଣ୍ଡ ନାଥଙ୍କ ମନକୁ ମୋହିନେଇଛ ?

Digitized by srujanika@gmail.com

ଗୀତ ।

ସହି ! କି ବ୍ରତ କରି ବର ପାଇଲୁ ଗୋ ।
ସେବ କେଉଁ ଦେବତାଙ୍କ ମନାଇଁଲୁ ଗୋ । ଘୋଷା ।
ସେବକୀ ବଇରାଗ　　　　ସେବକୀ ପରି ଭରି
ନବକିଶୋରୀ ପଛରେ ବୁଲାଇଲୁ ଗୋ । ୧ ।
ଜଗନ୍ମୋହନ ମାନସ ମଜ୍ଜାଇଲୁ ଗୋ ।
ମାନକରି ପ୍ରପଦରେ ଲୋଟାଇଲୁ ଗୋ ।
ଯା ସ୍ତୁତି ଲବ ଭବ　　　　ବ୍ରହ୍ମାଦଙ୍କୁ ଦୁର୍ଲଭ
ତାଙ୍କୁ କରି କୋଡ଼ରେ ତ ନଚାଇଲୁ ଗୋ । ୨ ।
ଆନ ବିଷୟମାନ ପାଶୋରାଇଲୁ ଗୋ ।
ଧ୍ୟାନ ତୋ ରୂପ ସନ୍ତତ କରାଇଲୁ ଗୋ ।
କାନରେ କି ମନ୍ତ୍ରର　　　　ଦେଲୁଟି ନିରନ୍ତର
ରାଧେ ହା ଶ୍ରୀରାଧେ ବୋଲି ଜପାଇଲୁ ଗୋ । ୩ ।
କେତେ ବର ତରୁଣୀଙ୍କି କନ୍ଦାଇଲୁ ଗୋ ।
ତାଙ୍କ ମନୋରଥ ଦ୍ରୁମ ଭଙ୍ଗାଇଲୁ ଗୋ ।
ବନମାଳୀ ସେ ଚନ୍ଦ୍ରା—　　　　ବଳୀ ପ୍ରୀତି ପଥରେ
ଧୂଳି ଉଡ଼ୁଥିଲା ତୃଣ ଉଠାଇଲୁ ଗୋ । ୪ ।
ବନ ଯାକର କୁସୁମ ତୋଳାଇଲୁ ଗୋ ।
ପ୍ରସାଧନୀ ଦେଇ ଖୋସା ଖୋସାଇଲୁ ଗୋ ।
ମକରୀ ପତ୍ରାବଳୀ　　　　ତିଳକ ସଜଡ଼ାଇ
ପଦ ଧରାଇ ଯାବକ ଲେଖାଇଲୁ ଗୋ । ୫ ।

(୰ ଗୋପାଳକୃଷ୍ଣ)

ଶ୍ରୀରାଧା—ସଖି ଏ ଗୋ ! ସେହି ଭକ୍ତ ଚିନ୍ତାମଣି ବାଳରୂପଙ୍କୁ ଅଙ୍କ ପଲଙ୍କରେ ଧରିବ ବୋଲି ପଙ୍କଜ କୁସୁମରେ ଶଙ୍କର-

Digitized by srujanika@gmail.com

ଶଙ୍କରଙ୍କି କେବେ ପୂଜା କରୁଛ, ତାଙ୍କର ସେବାରେ ମୋ ଦିନ କାଳ ଏହିପରି ଯାଉ ।

ଗୀତ ।

ରଙ୍କଚନ୍ଦ୍ରାମଣି ବାଙ୍କଚୂଳଅଙ୍କୁ ଅଙ୍କରେ ଧରିବ ବୋଲି ଗୋ,
ପଙ୍କଜ କୁସୁମେ ଶଙ୍କର ଶଙ୍କରୀ ପୂଜା ଆରମ୍ଭି ବସିଲି ଗୋ ।
ତାଙ୍କର ସେବାରେ ଦିନ । ନେବି କରୁଛି ସଜନି ଘେନ ଗୋ ।୧।
ମନ୍ଦମନ୍ଦ ହାସ କନ୍ଦରୁ ମଧୁର ଚନ୍ଦନ ବୋଳା ଶ୍ରୀଅଙ୍ଗେ ଗୋ ।
ବନ୍ଧା ରହିଛି ମୁଁ ରଜନୀ ଦିବସେ ପ୍ରିୟ ସଖି ତୁମ୍ଭ ସଙ୍ଗେ ଗୋ ।
ବୃନ୍ଦାବନ କଳାକର । ଛନ୍ଦା ଚରଣଟି ଫନ୍ଦା ମୋର ଗୋ । ୨ ।
ଆନନ୍ଦସାଗରେ ବୁଡି ରହିଥିବି ମନ୍ଦ ଘୋଷଣା ନ ଶୁଣି ଗୋ ।
କନ୍ଦର୍ପ ମୋହନ ବୃନ୍ଦାରକ ବୃନ୍ଦବନ୍ଦନ ମୋ ମଥାମଣି ଗୋ ।
କୁନ୍ଦ ମନ୍ଦାର-ଅଧରୁ । ମଧୁ ବୃଷ୍ଟି ମୋର ଦିନ ସରୁ ଗୋ । ୩ ।
(ବ୍ରଜବାସୀ)

ଲୀଳାନିଧି—ସଖି ! ସେ ଶ୍ୟାମସୁନ୍ଦରଙ୍କ ତୁଳନା ଦେବାକୁ ଏକା ତୁମ୍ଭେ ଧିନା ? ଯଦି ତୁମ୍ଭ ଭଳି ରୂପବତୀ ସୁନ୍ଦରୀ ରମଣୀ ନ ଥାନ୍ତି ତେବେ ବୃନ୍ଦାବନ ଲୀଳାଖେଳା କିଏ କରନ୍ତା ସଖେ !

ଗୀତ ।

ଶ୍ୟାମସୁନ୍ଦରଙ୍କୁ ଦେବାକୁ ତୁଳନା ଗୋ ।
ଏ ବ୍ରଜରେ ଏକା ସଖେ ତୁମ୍ଭେ ଧିନା ଗୋ । ଘୋଷା ।
କେତେକାଳ ବସି ବସି, କେତେ କାନ୍ତି ସୁଧାରାଶି,
ଆଣି ରଚିଲାଣି ବିଧାତା ଗଢ଼ିଲା ନା ଗୋ । ୧ ।
ଯେ ତ୍ରିଭୁବନ ମୋହନ, ସେ ହେଲେ ତବ ଅଧୀନ,
ଭବ ପ୍ରେମକାନ୍ତି ହେମ କଳା ସୁନା ଗୋ ।୨।
ନାଗର ମୁକୁଟମଣି, ସେ ମୋହନ ବଂଶୀପାଣି,
ନାଗରୀଙ୍କର ଅଗ୍ରଣୀ ଭିନ୍ନ ଜେମା ଗୋ । ୩

Digitized by srujanika@gmail.com

ଧନ୍ୟ ଗୋ ଧନ୍ୟ ଯଶୋଦା, ଧନ୍ୟ ପଙ୍କପୂର୍ଣ୍ୟ ଶିଶୁ,
କୃଷ୍ଣନାମ ଅଦେୟ ରାଧା ନାମ ଜାଣ ଗୋ । ୪ ।

(ବ୍ରଜବାସୀ)

ଶ୍ରୀରାଧା—ସଖି ଲଳିତେ ! ମୋତେ କେଉଁ ଗୁଣରେ ଶ୍ୟାମବନ୍ଧୁଙ୍କ ସଙ୍ଗେ ତୁଳ କରୁଛୁ ? ମୁଁ ତ ତାଙ୍କ ପଦଧୂଳିକି ସମାନ ନୁହେ ?

ଗୀତ ।

ମୁହିଁ କି ? ଶ୍ୟାମବନ୍ଧୁ ଭୁଜଙ୍ଗ ଗୋ ।
ସମ ନୋହିବ ଯେ ପଦଧୂଳିକି ଗୋ । ଘୋଷା ।

ତାମରସବନ କେଉଁ ଅଳଙ୍କ, କି ମଣି ନଯୋଜ୍ଞ ଗିରିମଣ୍ଡଳିକ ।୧।
ନାଗର ଜନକର ବନ ମଳକ, ସାମ୍ୟ କରୁଛୁ ମୃତ ଗୁଅଳଙ୍କ ।୨।
ତୁଲ କରୁ ମୋତେ ବନମାଳିକ, ଶୁଣିଲେ ଜନ ମାରିବେ ତାଳିକ ।।
ନୀଳୋତ୍ପଳ ଗର୍ବ ଦଳ ଝଳକ, ଭୁଲୁଛୁ ଛଟା ହରିଦ୍ରା ମାଳିକ ।୪।
ପ୍ରେମରତ୍ନ ଚିନ୍ତାମଣି ଅଳକି, ଗୁଞ୍ଜିବ ଭାଙ୍ଗୁଛୁ କାଚମାଳିକି ।୫।

[୰ଗୋପାଳକୃଷ୍ଣ]

ବିଶାଖା—ସଖି ! ତୁମ୍ଭେ ଶ୍ରୀକୃଷ୍ଣଙ୍କ ମନକୁ ବଶୀଭୂତକରି ନେଇଚ ବୋଲି କିଏ ସ୍ୱୀକାର ନ କରିବ ? ତା ଯଦି ନୋହି ଥାଆନ୍ତା ରାଧା ରାଧା ବୋଲି କାହିଁକି କୃଷ୍ଣ ପାଗଳ ହେଉଥାଆନ୍ତେ ?

ଚମ୍ପା—ସଖି ଗୋ ! କୃଷ୍ଣ ଯେପରି ରାଧା ନାମରେ ପାଗଳ, ଆମ-ରାଧା ସେହିପରି କୃଷ୍ଣନାମରେ ପାଗଳିନୀ । ଦୁହିଙ୍କ ପ୍ରେମରେ ଦୁହେଁ ବନ୍ଧା, ସେଇଥି ଲାଗି ଇଏ ତାଙ୍କୁ ଦଣ୍ଡେ ନ ଦେଖିଲେ ବାଇଆଣୀ, ସେ ଇଆଙ୍କୁ ନ ଦେଖିଲେ ବାଇଆ ।

ଲଳିତା—ଏକଥା ଟିକିଏ ମିଛ ନୁହେ, ଗୋ ଚମ୍ପେ ! କାହାକୁ ଊଣା କାହାକୁ ଅଧିକ କହିବା ? ରୂପରେ ଗୁଣରେ ଦୁହିଙ୍କି ଦୁହେଁ ସମାନ ।

Digitized by srujanika@gmail.com

ଗୀତ ।

ଦୁହଙ୍କି ଦୁହେଁ ସମାନ ରୂପ ଗୁଣେ ସିନା ଗୋ ।
କୋଟିଏ ବ୍ରହ୍ମାଣ୍ଡେ ଆଉ କେ ହେବ ତୁଳନା ଗୋ । ଘୋଷା ।
ରାଧାକୃଷ୍ଣ ଗତପ୍ରାଣା, ରାଧାଗତ ପ୍ରାଣ କହ୍ନା,
ଭଲା ବିଧି କରିଥିଲା ଏରୂପ ଘଟଣା ଗୋ । ୧ ।
ନୀଳମଣିରେ କାଞ୍ଚନ, ଜଳଦ୍ଲପର ସୁସମ,
ଯୁଗଳ ମାଧୁରୀ ହର ଜଣଇ ଚେତନା ଗୋ । ୨ ।
ଆସ ଗୋ ବହନ ଆସ, ପୂରାଇବା ଅଭିଳାଷ,
ନିକୁଞ୍ଜ ମିଳନେ ଉଡ଼ାଇବା ପ୍ରେମବାନା ଗୋ । ୩।

—⟩(○)⟨—

ଚନ୍ଦ୍ରାଶା—ସଖି ! ଆମମାନଙ୍କ ହସରହସ୍ୟ ଆଳାପ ଏତକ ଥାଉ, ଚାଲ ଚାଲ ତମାଳକୁଞ୍ଜରେ କୁଞ୍ଜବିନୋଦଆଙ୍କ ତୁଲେ ବାକ ରଙ୍ଗ ରହସ୍ୟ ଲଗେଇବା । ଦେଖେ ପରା ମଦନମୋହନ ଯାହିଁ ବସିଥିବେ ?

ଚନ୍ଦ୍ରା—ଚାଲ ଗୋ ଚାଲ । •

ସମସ୍ତେ—(ସମସ୍ବରେ ଗାନକଲେ)

ଗୀତ ।

ଅଗୋ ଚାଲ ଚାଲ, କୁଞ୍ଜେ ଯାହିଁ ରହିଥିବେ ନନ୍ଦଲାଲ । ଘୋଷା ।
ପ୍ରହରୁ ରଜନୀ ଗଲା ବଳି, ଦେଖ ଆକାଶରେ ତାରାବଳୀ,
ପୂର୍ଣ୍ଣଚନ୍ଦ୍ର ତୁଲେ ଉଦିନ୍ତ ହେଲା ମଲ । ୧ ।
ସୁଗନ୍ଧ ମଳୟ ମନ୍ଦବାତ, ବହି ଅସେ ଦେଖ ପ୍ରାଣମିତ
ବାଧ ଫୁଟି ବିକାଶନ୍ତି ନାନାଫୁଲ । ୨ ।
ଆଜ ଅନନ୍ଦର ସୀମା ନାହିଁ, ବେଣବେଢ଼ୁ ଜାଣିଅଛ ମୁହିଁ
ପ୍ରେମସିନ୍ଧୁ ଉଚ୍ଛୁଳବ ବନସ୍ଥଳ । ୩ ।

Digitized by srujanika@gmail.com

ନାଟୁଅ କିଶୋର ନୀଳମଣି ନବନାଗରୀ ଶ୍ରୀରାଧା ନାଟୁଆଣୀ,
ଫଗୁପଙ୍କୀର ପାଣିରେ ହେବେ ଲାଲ । ୪ ।
ଉଠ ଉଠ ବ୍ରଜ ଚନ୍ଦ୍ରମୁଖୀ, ବନ୍ଧୁ ଦରଶନେ ହେବ ସୁଖୀ,
ଫୁଲ ଶେଯେ ହେବ କଉତୁକ ଖେଳ । ୫ ।
[ସଖିଗଣ ଆନନ୍ଦମନେ ଗୀତ ଗାଇ ରାଧାଙ୍କୁ ଘେନି ପ୍ରସ୍ଥାନ]
ପଟ୍ଟପରିବର୍ତ୍ତନ ।

ଚତୁର୍ଥଦୃଶ୍ୟ—ତମାଳ କୁଞ୍ଜମଣ୍ଡପ ।

[ରାଧାଙ୍କୁ ମଧ୍ୟରେ ରଖି ସଖିମାନଙ୍କର ପ୍ରବେଶ ।]

ବୃନ୍ଦା—ସଖି ରାଧେ ! ଏହି ତମାଳ କୁଞ୍ଜ ଦେଖ କି ସୁନ୍ଦର ଦିଶୁଛି, ମାଧବୀଲତାଟି ସ୍ନେହ ବାହୁରେ ବେଢ଼ି ଉପରେ କୁସୁମିତ ହୋଇଛି । ଭ୍ରମରମାନେ ଗୁଣୁ ଗୁଣୁ ସ୍ୱନ ଛଳରେ ମିଳନ ଉତ୍ସବ ଉପଲକ୍ଷେ ଜୟଶଙ୍ଖ ବାଦନ କରୁଛନ୍ତି, କୋକିଳାଦି ପକ୍ଷୀମାନେ ସୁମଧୁର ସ୍ୱନରେ ପଞ୍ଚମତାନ ଧରି ମିଳନ ମହୋତ୍ସବ ଉପଲକ୍ଷରେ ସଙ୍ଗୀତ ଗାନ କରୁଛନ୍ତି । ମଳୟ ପବନ ଧୀରି ଧୀରି କରି ସୁଗନ୍ଧ ବ୍ୟଜନ ଚାଳୁଛି, ଆସ ଏ ତମାଳମୂଳରେ ପ୍ରାଣବନ୍ଧୁଙ୍କୁ ଅପେକ୍ଷା କରି ବସିଥିବ, ମୁଁ ମଧୁପାନକୁ ଯୋଗାଡ଼ କରେଁ ।

ଗୀତ ।

ମଧୁବନୁ ମଧୁପାନ ଉଦ୍ଧାର ସମ୍ଭାର ।
ସଜାଡ ଆଣେ ମୁଁ ଯାଇଁ ସୁରସିକା ବର ଗୋ । ୧ ।
ବସିଥାଅ ଏ ତମାଳ ମୂଳେ ବନୋଦରୀ ।
ଏହିକ୍ଷଣି ଶ୍ୟାମେ ଭେଟି ହେବେ ନୀଳମଣି ଗୋ । ୨ ।
ସାଜ ଲୋ ସଜନିମାନେ ମିଳନ କୁଞ୍ଜକୁ ।
ବିଛାଇ ପଲ୍ଲବ ଶେଯେ କୁସୁମ ରଜକୁ ଗୋ । ୩ ।

Digitized by srujanika@gmail.com

ଫୁଲର ବୃନ୍ଦାବନ ଫୁଲ ତୋରଣ ଶିକୁଳି ।
ଫୁଲଝରା ଫେଣ୍ଟା ଫେଣ୍ଟା ବାନ୍ଧ ସବୁ ଅଳି ଗୋ ।୪।
ଫୁଲର ଅଲଟ ଫୁଲ ବଇଣୀ ଚାମର ।
ଫୁଲ ଦୋଳି ଫୁଲ ମାଣ୍ଡୀ କରଥା ଚଉଁର ଗୋ ।୫ ।
ଚନ୍ଦନ କର୍ପୂର ପାନ ରଖ ଗୋ ସଜାଡ଼ି ।
ଜାଳ ରତ୍ନଦୀପ ଗୁଞ୍ଜୁ ଥାଅ ଫୁଲମାଳ ଗୋ । ୬ ।
ଫୁଲ ଛତ ଫୁଲର ଦର୍ପଣ ଥାଅ ଧରି ।
ଅବିଳମ୍ବେ ଆସିବି ମୁଁ ଯାଉଛି ଯାଉଛି ଗୋ । ୭ ।

(ବୃନ୍ଦା ଗାନ ସହିତ ପ୍ରସ୍ଥାନ ।)

ଲଳିତା—ବୃଷଭାନୁ କୁମାରୀ ଗୋ ! କୁଞ୍ଜମନ୍ଦିରକୁ ବିଜେ କର

ଗୀତ ।

ବିଜେ କର ଗୋ ! ବୃଷଭାନୁ କୁମାରୀ ।
ଆସିବେ ଏକ୍ଷଣି ମୁରଲୀଧାରୀ [ବିଜେ କର ଗୋ] । ଘୋଷା ।
ଆମ୍ଭେ ସଖୀଗଣ ସକଳେ ମିଳି, କରିବୁଁ ମଣ୍ଡନ କୁସୁମ ଦୋଳି,
ପଲ୍ଲବ ଶେଯରେ ବସିବୁ ଭୁଲି,
ବିଳସିବ ପରା ଆସି କିଶୋର । ୧ ।
ସବୁ ଉପଚାର ଅଛି ସଜଡ଼ା, ଅଜ ଯାହା ଯାହା ହୋଇବ ଲୋଡ଼ା,
ଯତନରେ ତାହା ସଜେଇ ଦେଉଛୁ,
ତୁମ୍ଭ ମନ ବୋଧ ହେବ ଯେପରି । ୨ ।

(ଏହା କହି ଶ୍ରୀରାଧାଙ୍କୁ ପଲ୍ଲବ ଶେଯରେ ବିଜେ କରାଇଲେ)

ବିଶାଖା—ସଖି ଲଳିତେ ! ମୋ ଗନ୍ଧ ଚନ୍ଦନ ଗୋଳା ହୋଇ ନାହିଁ ଗୋ, ମୁଁ ଗୋଳି ରଖିଦେବି ।

(ତଥାକରଣ)

Digitized by srujanika@gmail.com

ଲଳିତା—ମୁଁ ମଧ୍ୟ ବଢ଼ିଆ ଭଙ୍ଗି ରଖିଦେଉ ଯାଉଛି ।

(ତଥାକରଣ)

ଚିତ୍ରା—ଅଗୋ ! ମୁଁ ତ ନୀଳ ପୀତବସନ ଯୋଡ଼ିକ କୁଞ୍ଚ ରଖିନାହିଁ, ଚପଳ କୁଞ୍ଚଉଁ । (ତାହା କଲେ)

ଚମ୍ପକଲତା—ସଖି ! ମୋ ଫୁଲ ଚାମରଟି ସଜାଡ଼ିବ ପରା ?

(ତାହା କରି ବସିଲେ)

ତୁଙ୍ଗବିଦ୍ୟା—ସଖି ! ମର୍ଦ୍ଦଳଟି ଆଣିବଟି, ମୁଁ ସ୍ୱର ବାନ୍ଧି ରଖେଁ ।

(ମର୍ଦ୍ଦଳରେ ସ୍ୱର ଦେଲେ ଓ ବୀଣାର ତାର ସଳଖି ଟଙ୍କାଇଲେ)

ଇନ୍ଦୁରେଖା—ସଖି ତୁଙ୍ଗବିଦ୍ୟେ ! ମୋ ନାଚ ସେବା ତ ପଛକୁ ଅଛି ସଙ୍ଗୀତ ଆଳାପର ମୂର୍ଚ୍ଛନା କରୁଥାଏଁ ଦେଖିଲେ ।
(ରାଗିଣୀ ଉଚ୍ଚାର) ସଖି ! ଏହି ରାଗରେ ଗୀତ ବସେଇବା ନା ?

ତୁଙ୍ଗବିଦ୍ୟା—ହିଁଅ ଗୋ ! ମନେ ରଖି ଥାଅ ।

ସୁଦେବୀ—ସଖି ! ହେମ ଝରୀରେ ସୁବାସିତ ଜଳ ଏଠି ରଖିଲି, କେହି ଢାଳି ଦିଅ ନା । ମୁଁ ଫୁଲ ବଣ୍ଟଣିଟିଏ ସଜାଡି ଦିଏଁ ।

(ତାହା କଲେ)

ରଙ୍ଗଦେବୀ—ସଖି ସୁଦେବି ! ମୋ ଅଳତା ପାଦଟି ତୁମ୍ଭ ଜଳଝରି ପାଖରେ ଥାଉ । ମୁଁ ଫୁଲ ଛତଟି ତିଆରିବି ।

(ତା, କଲେ)

କୁନ୍ଦଲତା—ଆସ ଗୋ, ନାନ୍ଦୀମୁଖି ! ତୁମ୍ଭର ମୋର ମିଶି ଫୁଲ-ଗୁନ୍ଥା ତିଆରି କରିବା ।

ନାନ୍ଦୀମୁଖୀ—ମୁଁ ତ ଏଇ କଥା ଚାହୁଁଥିଲି ଗୋ; ଚାଲ ।

(ଦୁହେଁ ମିଳି ଫୁଲ ଗୁନ୍ଥା ସଜାଡ଼ିଲେ)

ଲବଙ୍ଗମଞ୍ଜରୀ—ସଖି ଦେଖିଲ, ମୁଁ ଏ ଫୁଲମାଳିଟି ତିଆରିଲି; ତୁମ୍ଭମାନଙ୍କ ମନକୁ ଆସୁଛି ? (ଦେଖାଇଲେ)

Digitized by srujanika@gmail.com

ବୃନ୍ଦଲତା—(ଦେଖିକରି) ହଇ ଗୋ ଲବଙ୍ଗଲତେ ! ତମକୁ ଏମିତ ସୁନ୍ଦର ଫୁଲ ମାଣ୍ଡି ତିଆରି କରି ଅସେଇଁ ? ଅହା, ଭଲ ହୋଇଛି, ଭଲ ହୋଇଛି ।

ଶ୍ୟାମାନନ୍ଦ—କାହିଁ ଦେଖି ? (ଦେଖୁ ଦେଖୁ) ଅଗୋ ସତେ ଗୋ ଇଏ ତ ଅତି ସୁନ୍ଦର ଚକ୍ରଆଟିଏ ତିଆରିଛନ୍ତି । ରଖ, ରଖ, ଶେଯ ଉପରେ ସଜେଇ ରଖ ।

ଲବଙ୍ଗ—(ତାହା ହଲେ ଓ ଫୁଲଗୁଚ୍ଛି ବସିଲେ)

ଅନଙ୍ଗମଞ୍ଜରୀ—ସଖି ! ମୁଁ ଏ ଫୁଲ ଟାହିଆ ଦୁଇଟି ସଜାଡ଼ିଛି, ଦଅ

(ପ୍ରଦର୍ଶନ)

ଶ୍ୟାମାନନ୍ଦ—ତୁମ୍ଭ ଭଉଣୀ ରାଧାଙ୍କ ଚୂଳରେ ଖୋସିଦଅ, ଅଉ ଗୋଟିଏ କଳାକାହ୍ନୁଙ୍କ ବାଙ୍କଚୂଳରେ ଖଞ୍ଜିବାକୁ ରଖ ।

(ନେପଥ୍ୟରୁ ଶ୍ରୀକୃଷ୍ଣଙ୍କ ନୂପୁର ଶବ୍ଦ ହେବା)

ଶ୍ରୀରାଧା—ସଖି ! ଦେଖିଲ କିଏ ଆସୁଛନ୍ତି ?

ଲଳିତା—ରାଧେ ! ଆଉ କିଏ, ତୁମ୍ଭ ଚିତ୍ତଚୋର ଆସିଲା ପରି ଜଣା ଯାଉଛି, ନହିଲେ ଏ ମଧୁରୁ ମଧୁର ନୂପୁର ଧ୍ୱନି ଆ କାହାର ହେବ ? ଶୁଣ ଶୁଣ :—

ଗୀତ ।

କୁଞ୍ଜ ଦୁଆରେ ଶୁଣ ନୂପୁର ଧ୍ୱନି, ସଜନି ଗୋ ।
ଏତ ହେବେ ତୁମ୍ଭ ପ୍ରୀତ ଚିନ୍ତାମଣି । ଘୋଷା ।

[ଦେଖ] ବନ୍ଧୁ ଆସୁଅଛି ମନ୍ଦମନ୍ଦ,
ଲଭି ବନୋଦଆଙ୍କ ଅଙ୍ଗ ଗନ୍ଧ,
ଝୁଲି ଝୁଲି ନାଚ ଆସୁଅଛନ୍ତି,
ବୃଷଭାନୁସୁତା କଣ୍ଠମଣି ।

[ଦେଖ] ମଧୁକର ପ୍ରେମେ ହୋଇ ମତ୍ତ,
ଧାଇଁ ଆସୁଛନ୍ତି ଶତ ଶତ,

Digitized by srujanika@gmail.com

ଅନୁରାଗ ଚନ୍ଦ୍ରେ ଦେଖି ରାଧାନାଥେ,
ଭାବାବେଶେ ହସେ କୁମୁଦିନୀ । ୨ ।
ସୁବାସ କୁସୁମ ବନେବନେ,
ଫୁଟି ଉଠୁଛି ଗୋ ସ୍ନେହ ମନେ,
ମୃଦୁସ୍ୱରେ ପିକ ଜଣାଇ ଦେଉଛି,
ଆସିଲେଣି ରାଧା ମୁକୁଟମଣି । ୩ ।

(ଶ୍ରୀ ମୋହନସୁନ୍ଦର ଦେବ ଗୋସ୍ୱାମୀ)

ବିଶାଖା—ରାଧେ ! ଆସିଲେଣି ଗୋ, ଆସିଲେଣି ।

ଶ୍ରୀରାଧା—ଅହା ଏତେବେଳକେ କଅଣ ଏ ଅଭାଗ୍ୟ ଦୁଃଖିନୀ ମନେ ପଡ଼ିଲା ? ପ୍ରାଣବନ୍ଧୁ ! ଆସ ଆସ ।

ଗୀତ ।

ବନ୍ଧୁ ଆସ ବନ୍ଧୁ ଆସ, ମୋର ହୃଦୟ ପ୍ରସୂନ ବାସ ହେ । ପଦ ।
ଚାହିଁ ବସିଅଛି ଅଭାଗ୍ୟ ଦୁଃଖିନୀ ଏ କୁଞ୍ଜ ମନ୍ଦିର ପାଶ ହେ ।
ଏତେବେଳେ କିହେ ମନରେ ପଡ଼ିଲ ପ୍ରାଣ ପ୍ରଭୁ ପୀତବାସ ହେ ।୧।

(ଉଠିଯାଇ ଖଣ୍ଡିକୁ ପ୍ରଣାମ ସହିତ କରଧରି ଆଣିଲେ)

ଶ୍ରୀକୃଷ୍ଣ—[ହସି ହସି] ପ୍ରିୟେ ! ମୁଁ ତୁମ୍ଭଙ୍କୁ ନିମେଷମାତ୍ର ଭୁଲେ କି ?

(ଏହା କହି ଓଷ୍ଠରେ କରଦେଲେ)

ଶ୍ରୀରାଧା—ପ୍ରାଣନାଥ ! ତୁମ୍ଭ ମୁଖଚନ୍ଦ୍ରମାଙ୍କ ଅଦର୍ଶନ ହେତୁ ଚାତକୀ ପରି ବସି ରହିଥିଲି ।

[ଏହା କହି ଆଲିଙ୍ଗନ କଲେ ଓ ମାଳା ଦାନ]

ଶ୍ରୀକୃଷ୍ଣ—ପ୍ରିୟେ ! ଏହି ଅନୁକମ୍ପା ମୋର ଏକା ଲୋଡ଼ା ।

[ପ୍ରତି ଆଲିଙ୍ଗନ ବିଧାନ କରି ମାଳାଦାନ କଲେ]

ଲଳିତା—ଅହା ! ନିକୁଞ୍ଜରାଜରାଣୀଙ୍କ ମିଳନ ମାଧୁରୀ ଅତି କି ମନୋହର ? ଦାସୀର ଏହି ଫୁଲହାରଟି ଘେନ ।

(ମଲ୍ଲୀହାରଟିଏ ଦୁହିଙ୍କ ଗଳାରେ ଦେଲେ)

ସମସ୍ତେ—(ସେହିପରି ଗୋଟିଏ ଫୁଲମାଳା ଦୁହିଙ୍କ ଗଳେ ଦେଲେ)

Digitized by srujanika@gmail.com

ବିଶାଖା—(ଯୁଗଳ ଶ୍ରୀଅଙ୍ଗରେ ଚନ୍ଦନ ଲେପିଲେ)
ଲଳିତା—(ବନ୍ଧୁଅ ଲାଗି କରାଇ ଦେଲେ)
ରଙ୍ଗଦେବୀ—(ଯୁଗଳ ଚରଣରେ ଅଳତା ଲଗାଇଲେ)
ସମସ୍ତେ—(ଫୁଲ ଅଳଟ ଚାମର ଧର ବସିଲେ ଓ ସମସ୍ତରେ ବାଦ୍ୟ-
ଯନ୍ତ୍ର ସହ ମିଳନ ସଙ୍ଗୀତ ଗାନ ଆରମ୍ଭିଲେ)

ଗୀତ ।

[ମାଧୁରୀରେ ମାଧୁରୀରେ ମାଧୁରୀ ବୃନ୍ଦେ]

କଶୋଭା ଏ ବୃନ୍ଦାବନ, ସଖି ! ମଧୁର ବୃନ୍ଦାବନ ।
ଶ୍ରୀରାଧା ଗୋବନ୍ଦ ଠାଣି ଯୁଗଳ ମିଳନ । ଘୋଷା ।
ଗୋଲୋକ ସାର ସମ୍ପତ୍ତି ଭୁବନ ମୋହନ ।
ହାସେ ହାସ ମିଶା ମିଶି ନୟନେ ନୟନ । ୧ ।
ବନ ମାଳ ବୈଜୟନ୍ତୀ ମୋତି ହାର ମାନ ।
ଦୁହିଙ୍କ ଗଳାକୁ ଦିଶୁଅଛି କ ଯତନ । ୨ ।
ଶିଖିଚୂଳ ଫୁଲଗଭା ଅହା କ ଶୋଭନ ।
ଗଣ୍ଡେ ଗଣ୍ଡ ମଣ୍ଡନ ଗୋ ମଧୁର ଚୁମ୍ବନ । ୩ ।
ଯୁଗଳ କରେ ମୁରଲୀ ଅପୂର୍ବ ଘଟନ ।
ଧନ୍ୟ ଧନ୍ୟ ଆମ୍ଭ ପୁଣ୍ୟ ଧନ୍ୟ ଏ ନୟନ । ୪ ।

(ସମସ୍ତଙ୍କର ମଧୁର ନୃତ୍ୟ)

ବୃନ୍ଦା—(ନେପଥ୍ୟରୁ ପ୍ରବେଶ ପୂର୍ବକ) ବାଃ ବାଃ ବେଶ୍ ବେଶ୍ ।
ଶ୍ରୀକୃଷ୍ଣ—କି; ବୃନ୍ଦେ ! ଆସ, ଆସ ।
ବୃନ୍ଦା—ଭୁବନମୋହନଅ ହେ ! ଏ ଭାବ କେମନ୍ତ ମଧୁର ?
ଶ୍ରୀକୃଷ୍ଣ—ବେଶ୍, ବେଶ୍, ବୃନ୍ଦେ ! ତୁମ୍ଭଯୋଗେ ସୁସମୟରେ ଭାବ-
ମୟୀ ରାଧାକୁ ପାଇ ସୁଖ ସିନ୍ଧୁରେ ଭାସୁଛି ।
ବୃନ୍ଦା—ତେବେ ବୃନ୍ଦାର ମଧ୍ୟସ୍ଥି ପାଉଣାଟା ହିସାବ କରି
ମିଟେଇ ଦିଅ ?

Digitized by srujanika@gmail.com

ଶ୍ରୀକୃଷ୍ଣ—ବୃନ୍ଦେ ! ତୁମକୁ ମୁଁ ଆଉ କଅଣ ଦେଇ ପାରିବି ? ଏ ହୃଦୟ ସମେତ ଦେଇ ସାରିଛି, ଦେବାପାଇଁ ଆଉ କଅଣ ବାକି ଅଛି ?

ବୃନ୍ଦା—କଅଣ କହିଲ ଶ୍ୟାମ ! ଆଉ କଅଣ ବାକି ଅଛି କହୁଛ ? ହଇହେ ! ଶଠ ମୁକୁଟ ! ଆଉ କିଛି ନାହିଁ ? ତମକୁ ଅଭାବ, କଅଣ ଯେ ଏପରି କହିଲ ? ତୁମେ ପରା ରାଜପୁତ୍ର ? ତୁମ ପାଖରେ ଯାହା ଯାହା ଅଛି, ଏ ତ୍ରିଭୁବନରେ ତାହା ଅଛି କି, କହିଲ ଦେଖି ? ତୁମ ଭଳି ପୀତପଟ୍ଟ କିଏ ପିନ୍ଧିଛି ? ତୁମ ଚୂଳ ପରି ତ୍ରିମୁଣ୍ଡି ଶିଖିପୁଚ୍ଛ ଚୂଳ କାହାର ଅଛି ? ତୁମ ହାତରେ ଯେଉଁ ଘରବୁଡ଼ା କୁଳଛଡ଼ା ମୁରଲୀଟି ଧରିଛ, ଏପରି ବଂଶୀ, କା ହାତରେ ଅଛି ? କହି ବସିଲେ ଗୋଟିଏ ପୋଥି ହେବ, ହଇ ହେ ! ତୁମ୍ଭେ ଏ ଭଳି ଠକ ପୁରୁଷ ? ହଉ; ହଉ ଏ ବୃନ୍ଦାବନର ପୁରସ୍କାରଟା ଚପଳ ହଉ, ଭଣ୍ଡା-ଭଣ୍ଡିରେ ଦରକାର ନାହିଁ ।

ଶ୍ରୀକୃଷ୍ଣ—ବୃନ୍ଦେ ! ତୁମେ ଯାହା କହିଲ, ପୀତଧଡ଼ା, ମୋହନ ଚୂଡ଼ା, ମୋହନବଂଶୀ କଥା ? ସେଥିରେ ମୋର ଅଧିକାର ଅଛି କି ? ତାହା ସବୁପରା ତୁମେମାନେ ରାଇ ସଜାହେବାଦିନ ମୋଠାରୁ ଛଡ଼ାଇ ନେଇ ରାଧାଙ୍କ ଜିମା କରି ଦେଇଥିଲ, ମୁଁ ମାଗିଆଣି ବ୍ୟବହାର କରୁଛି, ମୋର ସେ ସବୁ ଦ୍ରବ୍ୟରେ ଅଧିକାର ଅଛି କେଉଁଠି ? କେବଳ ଗୋଟିଏ ଜିନିଷ "ମୋର" ଅଛି ସତ୍ୟ ? ତାହା,ତ ମଧ୍ୟ ତୁମ୍ଭମାନଙ୍କୁ ଅନେକ ଦିନରୁ ମୋ ମନେ ମନେ ଦେଇ ସାରିଛି ।

ବୃନ୍ଦା—(ହସି ହସି) ସେ ଜିନିଷଟି କଅଣ କଳାକାହ୍ନୁ ।

ଶ୍ରୀକୃଷ୍ଣ—ମନ କଅଣ ତୁମେ ଜାଣି ନାହିଁ ? ନିଜେ ମୁଁ ।

ବୃନ୍ଦା—ତା' ହେଲେ ତୁମେ କଅଣ ଆମ ମାନଙ୍କର ?

ଶ୍ରୀକୃଷ୍ଣ—ନିଶ୍ଚୟ ।

Digitized by srujanika@gmail.com

ବୃନ୍ଦା—(ହସିକରି) କି କହୁଛ, ଏତେଦୂର ? ଏକଥା, ସତ, ନା ମିଛ ?

ଶ୍ରୀକୃଷ୍ଣ—କାହିଁକି ବୃନ୍ଦେ ! ତୁମର ବିଶ୍ୱାସ ହେଉ ନାହିଁ ?

ବୃନ୍ଦା—କେମିତି ବିଶ୍ୱାସ ହେବ କୃଷ୍ଣ ! ତୁମେ ଯେ ପୁରୁଷ ଜାତି, ତୁମମାନଙ୍କ ହୃଦୟ ଅତି କଠିନ; ଏତେବେଳେ ସରଳ କଥା କହୁଛ-ପରକ୍ଷଣରେ ଏହି ସରଳଭାବଟି ମହାକୁଟିଳ ହୋଇଯିବ, ଏ ନରମଭାବଟି ଗରମ ହୋଇଯିବ, ଏତେବେଳେ ଜଳପରି ତରଳଭାବଟି ପରେ ପଥରପରି କଠୋର ସ୍ଥିତିକି ଅନୁକରଣ କରିବ, ଏହି ଥଣ୍ଡା ସ୍ୱଭାବଟି ସମୟରେ ଦାରୁଣ ଉଗ୍ର ମୂର୍ତ୍ତି ଧାରଣ କରିବ । ତୁମକୁ ଚହ୍ନିବା ସହଜ କି ଶ୍ୟାମ ?

ଗୀତ ।

ତୁମକୁ ଚହ୍ନିବା, ସହଜ କି ଶ୍ୟାମ,
ଟିକେତେବେଳେ କେଉଁ ଭାବେ ହୁଅ ଭ୍ରମ ॥

ଶ୍ରୀକୃଷ୍ଣ—କାହିଁକି, ମୁଁ ତୁମମାନଙ୍କ ସଙ୍ଗେ କେବେ ମନ୍ଦବ୍ୟବହାର କରିଛି କି ବୃନ୍ଦେ ?

(ପୂର୍ବଗୀତାଂଶ ।)

କଟି ଦେଇ ତୁମେ କଥାରେ କଥାରେ,
ଧରାଇ ଦିଅ ଆକାଶ ଚାନ୍ଦ କରେ,
ଆମେମାନେ ସେ ମରମକୁ ନ ବୁଝି,
ଭୁଲି ଯାଉଁ ତୁମ ମୋହନରୂପରେ । ୧ ।

ଶ୍ରୀକୃଷ୍ଣ—କଅଣ କହିଲ ବୃନ୍ଦେ ? କଣ, କଣ ?

(ପୂର୍ବଗୀତାଂଶ ।)

କେତେ ପ୍ରେମ ଜାଣ ହେ ନଟନାଗର,
ରସରେ ରସାଇ ପାର ହେ ଅପାର,
ଶେଷରେ କରିଅ ବଡ଼ ନାରଖାର,
ଏହି ବାହାଦୁରି ଅଛି ତୁମଠାରେ । ୨ ।

Digitized by srujanika@gmail.com

ଶ୍ରୀକୃଷ୍ଣ—କାହିଁକି ବୃନ୍ଦେ ! ମୁଁ କଅଣ ଏଡ଼େ ଅବିଶ୍ୱାସୀ ? ତେବେ ମୋତେ କଅଣ ତୁମେମାନେ ଆଦୌ ବିଶ୍ୱାସ କରନାହିଁ ?

ବୃନ୍ଦା—କେମିତି ବିଶ୍ୱାସ କରିବୁଁ କହିଲ ଦେଖି ? ମନୁଷ୍ୟକୁ ମନୁଷ୍ୟ ବିଶ୍ୱାସ କରେ କେବଳ ବଚନରେ ତୁମର ଗୋଟିଏ କଥାର ଠିକ୍ ମରମତ ପାଇଲୁ ନାହିଁ, ତୁମେ ମୁଖରେ ଯାହା କହ, କାର୍ଯ୍ୟରେ ତାହାର ବିପରୀତ କର । ଏଇଟା ତମ ପୁରୁଷସ୍ୱଭାବ । ଯେତେବେଳ ଯାଏଁ ପାଖରେ ଥାଅ ତେତେବେଳ ଯାଏଁ ଆପଣାର ହୋଇଥାଅ, ପାଖରୁ ଅନ୍ତର ହେଲେ ତୁମପର ତୁମେ

ଶ୍ରୀକୃଷ୍ଣ—କିପରି ?

ବୃନ୍ଦା—ଏକାବେଳେକେ ମନରୁ ସବୁ ପାଶୋର ପକାଅ । ତୁମ ପୁରୁଷ ଜାତିର ଏଇ ବିପରୀତ ଧାରାଟି ଅଛି ।

ଶ୍ରୀକୃଷ୍ଣ—ବିପରୀତ ଧାରା କିପରି ହେଲା ?

ବୃନ୍ଦା—ତେବେ କହୁଛି ଶୁଣ :—

"ବିଶ୍ୱାସ କଲେଟି ପର ପୁରୁଷେ,
ଅକାରଣେ ପ୍ରାଣ ଯାଏଟି ଶେଷେ"

ଶ୍ରୀକୃଷ୍ଣ—ଓଃ ତୁମେମାନେ ଜାଣିବାରେ ମୁଁ ତୁମମାନଙ୍କ ପ୍ରାଣରେ ମାରି ପକାଇବାକୁ ଚେଷ୍ଟା କରେଁ ?

ବୃନ୍ଦା—ଏଇତ ସେଇଁ କହନ୍ତି ଗଉଡ଼ ମୂର୍ଖ, ହଇ ହେ, ! ପ୍ରାଣରେ ଜଳ ବଳ କରେଇବାଠାରୁ ଏକାବେଳେକେ ମାରି ଦେବାଟା କଅଣ ବଡ଼ କି ? ତୁମ ପ୍ରେମର ଏଇ ଲକ୍ଷଣ ଅଛି ଯେ; ତାହା ଲୋହକାର ଷଣ୍ଢ଼ ଅସି ପରି, ନିଅଁରେ ତତେଇ ପାଣିରେ ବୁଡ଼େଇ ସେ ଯେପରି କଲବଲ କରାଏ, ତୁମ ଘାତ ଗତ ଠିକ୍ ତାହା ତୁମେତ ଗୋରୁଚରେଇବା ଲୋକ, ପ୍ରେମର କଥା ତୁମେ କଅଣ ବୁଝିବ ?

Digitized by srujanika@gmail.com

ଶ୍ରୀକୃଷ୍ଣ—ତା ହେଲେ ବୋଧ ହୁଏ ତୁମେମାନେ ଧାରଣା କରିଛ ଯେ ମୁଁ ଗାଈଚରେଇବା ଲୋକ, କେବଳ ଗାଈ ଚରେଇ ଜାଣେ ପ୍ରେମର କିଛି ଧାର ଧାରେ ନାହିଁ ?

ବୃନ୍ଦା—ନିଶ୍ଚୟ ! ପ୍ରେମର ତତ୍ତ୍ୱ ତୁମେ କଅଣ ବୁଝିବ ? ତୁମେ କେବଳ ଗୋରୁ ଚରି ଜାଣ, ଆଉ ଗାଈ ପଛରେ ଗୋଡ଼େଇ ଜାଣ । ଆଉ ପ୍ରେମକଥା କଅଣ ଜାଣିବ ?

ଗୀତ ।

ପ୍ରେମତତ୍ତ୍ୱ ତୁମେ କିସ ଜାଣିବ ହେ ହଟିଆ ନାଗର ହରି ।
କ୍ଷୁଧାବେଳେ ଖାଦ୍ୟ ସୁଧାରୁ ସୁଅଦ ଲାଗେ ଯିନା ବଂଶୀଧାରି ! ॥
ଅସମୟ ହେଲେ କି ହେବ ଅଉ, ସମୟରେ ଲୋଡ଼ା ନୁହଇ ଯେତୁ ।୧
ଯେତେବେଳେ ଯାର ନିକଟରେ ଥାଅ ତାକୁ ଦେଖ ଅପଣାର ।
କାର୍ଯ୍ୟ ସରିଗଲେ ଅଉ କେ ପଚ୍ଛରେ କରିଦିଅ ଯାତପର ॥
ମନେ ହେଜ ଘନଶ୍ୟାମସୁନ୍ଦର ! ସତ କି ମିଛ ମୁଁ କହୁବାଗର ।୨।

ଶ୍ରୀକୃଷ୍ଣ—ଏତେ ଅବିଶ୍ୱାସ ଯଦି, ତେବେ ଅର୍ଥେ ନ ବୁଝି, ନ ଭବିଷ୍ୟର ପରିଣାମ ନ ଭାବି ମୋତେ ଏ ଭଳି ମଜେଇଲ କାହିଁକି ?

ବୃନ୍ଦା—କପାଳ ମୋ ଶୁଣେଇଲ, ଆମେମାନେ ତୁମକୁ ମଜେଇଲୁଁ, ନା, ତୁମେ ଆମମାନଙ୍କୁ ମଜେଇଲ ? ଜାତି, କୁଳ, ମାନ, ମହତ୍ତ୍ୱ ସବୁ ଲୁଟି କରି ନେଲ, ପାଲଟାବସନ ଘେରିକରି ନେଇ କଦମ୍ବ ଡାଳରେ ଉଠି ରଙ୍ଗ ଦେଖିଲ, ଭ୍ରମରମାନଙ୍କୁ ଗି ପରି, ଲବଣୀ ଘେରିଲ ଖାଇଲ, କହୁଛ କଅଣନା। ଆମେମାନେ ମଜେଇଲୁଁ ? ମଜେଇଲ ଏକା ତୁମେ, ଶେଷରେ ପୁଣି ଓଲଟି କହୁଛ ଆମମାନଙ୍କୁ ? କଅଣ ନାସି ଦେଖି ରହସ୍ୟ ଲଗେଇଛ ?

ଶ୍ରୀକୃଷ୍ଣ— ଏବେ ଏ ସବୁ ବାଜେ କଥା ଛାଡ଼ ଅସଲ କଥା କହ;

ବୃନ୍ଦା—ଅସଲ କଥା କଅଣ ଶ୍ୟାମ !

ଶ୍ରୀକୃଷ୍ଣ—ପ୍ରେମର କଥା ।

Digitized by srujanika@gmail.com

ବୃନ୍ଦା—ତୁମ ପାଖରେ ଆଉ ପ୍ରେମକଥା କହିବ କଅଣ ? ତୁମେ କି, ପ୍ରେମର କଦର ବୁଝିବ ନା ଶୁଝିବ ଯେ, ପ୍ରେମକଥା କହିବ ? ତୁମ ହୃଦୟରେ କଣ ପ୍ରେମର ଚିହ୍ନ ଅଛି ? କେବଳ ଯୁବତୀ ଗୁଡ଼ାଙ୍କ ହତାଦର କରିଜାଣ । ଯେ କି ପ୍ରେମ କଭଳି ଜିନିଷ ତା, ବୁଝିଲ ନାହିଁ କି ଶିଖିଲ ନାହିଁ, ତା, ପର ଅପ୍ରେମିକ ପାଖରେ ପ୍ରେମକଥା କହିବା ଏକଦମ୍ ନିଷେଧ ।

ଗୀତ ।

ପ୍ରେମ କଥା କହିବାକୁ ମୋତେ ଅଛି ମନା ।
ତୁମ ଭଳି ଅପ୍ରେମିକ ପାଶେ ଅହେ କାହ୍ନ ॥
ରାଧାନାଥ ବୋଲି ଆଉ ଡାକନ୍ତୁ ନାହିଁ ।
ସବୁ ଜଣା ଯାଇଅଛି ହେ କଳା କହ୍ନାଇ ॥
ଏବେ ଶୁଣି ମୋର ଭାଷ ଯାଅ ଯାଅ ଚଳି ।
ଚନ୍ଦ୍ରା ଚନ୍ଦ୍ରମୁଖି ପାଶେ ଅହେ ବନମାଳି । ॥
ସେହି ସିନା ଜାଣେ ପ୍ରେମ ମଜ୍ଜ,
ଲେଖାରେ ତୁମ୍ଭର ଯେଣୁ ଭାଜ୍ଜ, (ସେହିସିନା)
ଯାଅ ତା ନିକଟେ ରହିକ ସଜ୍ଜ, (ସେହିସିନା)
ଗୋପନେ ତା କୁଞ୍ଜେ ନଶି ବହିବ ହେ ସୁଖେ ।
ଗୁଡ଼ ଏ କୁଞ୍ଜର ସୀମା ଲଙ୍ଘ ନାହିଁ କି ମୁଖେ ।
ହେ ଶଠ ମାନଙ୍କ ଗୁରୁ ଲମ୍ପଟ ହରିଅ ।
ତୁମ ସଙ୍ଗେ କାର୍ଯ୍ୟ ନାହିଁ ନୁହ ଏଥି ଠିଆ ।
କେତେଥର ପସ ପଢ଼ିଛ ଛନ୍ଦା ।
ଚନ୍ଦ୍ରାବଳୀ କୋଳେ କାଳିଅ ସୁନା । (କେତେଥର)
ଯାଅ ସତ୍ୱରେ ସେ ତୁମ ଧନା । (କେତେଥର)
ଅମ ସ୍ୱଧାକୁ କହନାଇ ମାର ନା । (କେତେଥର) ।୬।

Digitized by srujanika@gmail.com

ଶ୍ରୀକୃଷ୍ଣ—ହାୟ ଅଣି କଣ ଶେଷରେ ଏହି ଅପମାନ ?
ତେବେ ଯାଉଛି । (ଗମନୋଦ୍ୟତ)

ବୃନ୍ଦା—(ହାତଧରି ପକାଇ) ଛି, ଛି; ଶ୍ୟାମ ! ତୁମକୁ କଅଣ ରସ-ବୋଧ ନାହିଁ କି ? ଛଳକଥା ପଦେ ସହିପାରୁ ନାଅ ! କହିବାମାତ୍ରେ ପଳେଇ ଯାଉଚ ? ହଇ ହେ ! ତୁମଠେଇ ଏତେ ରାଗ ଅଛି ? ହେଉ ହେଉ, ସବୁ ଜଣାଗଲାଣି, କହୁଁ କହୁଁ ଏ ବୃନ୍ଦା କଅଣଗୁଡ଼ାଏ କହି ପକେଇଚି ସିନା ! ଏ ଭୁଲଟା ଧରିବା ତୁମ ପକ୍ଷେ କଣ ଉଚିତ ? ନାରୀଜାତି ପର ଅମେମାନେ, ଅମମାନଙ୍କ କଥାକୁ ଧରି ବସିଲେ ଚଳିବ କି ? ତୁମେ ପରା କ୍ଷମାନିଧି ! ସହସ୍ରେ ଦୋଷ କଲେ ମଧ୍ୟ କ୍ଷମାଦେଇ ପାର ? ଏଇ ସାମାନ୍ୟ ଛଳ କଥାକୁ ତୁମର ବୋଧା ବୋଧ ଜ୍ଞାନ ହେଇ ପାରୁ ନାହିଁ ? ଯଦି ବେଶିକଛି ତୁମ ମନରେ ଦୁଃଖ ହୋଇ ଥାଏ, ତେବେ ମାଫ୍ କର ! ପ୍ରେମ ଶିକ୍ଷାତ ଦିନେ ଓଳଏ ନୁହେ, ପୁଣି ପ୍ରତିଶୋଧ ନେବୁ ହେ, ଏବେ ଅସ ଅସ । (ହାତ ଧରି ଟାଣିବା)

ଶ୍ରୀକୃଷ୍ଣ—ବେଶ୍ ମଜାତ ! ତୁମେ ମୋତେ କଅଣ କରି ପାଇଲ ବୃନ୍ଦେ ! କହିଲ ଦେଖି ? ଯିବାକୁ ଛାଡ଼ୁ ନାହଁ, ପୁଣି ଏଠି ରହିଲେ ନାନା କଥା କହି ଜ୍ୱାଳାତନ କରୁଚ, ଏଏତ ବଡ଼ ହଟକତ ? ହୁଏତ ଛାଡ଼ିଦିଅ ମୁଁ ବାହାର ଯାଏଁ ନଚେତ୍ ପ୍ରେମ କଥା କହି ମୋତେ ଅନନ୍ଦ ଦିଅ ! ଦୁଇ ନାଅରେ ଚଢ଼େଇଦେଇ ହଇରାଣ କରୁଚ କଅଁ ?

ବୃନ୍ଦା—ହଇରାଣ କଲି କଅଣ ଶ୍ୟାମ ! ତୁମେ ବୁଝି ନ ପାରି ନିଜେ ନିଜେ ହଇରାଣରେ ପଡୁଚ, ମୋ ଅଭିଳାଷ ଏଇ, ଶୁଣ

ଗୀତ ।

ରାଧା କୃଷ୍ଣ ଏକାସନେ କର ହେ ବିଜୟ ।
ପ୍ରେମାନନ୍ଦେ ଦେଖିବୁଁ ସେ ଶୋଭା ସଖିଚୟ ।

Digitized by srujanika@gmail.com

ଅଛି ଏହି କାମନା ମୋହର ବନ୍ଧୁଜନ ।
ପୂର୍ଣ୍ଣକର ତାହା ଏବେ ହେ କାଳିଆ କାନ୍ତ ॥
ତେବେ ସବୁ ଦୁଃଖ ଦୂର ହେବ ମୋର ମନ ।
ପୁଷ୍ପ ଶେଯେ ରଜେ କର ପୀତ ନୀଳ ତନୁ ॥

ଶ୍ରୀକୃଷ୍ଣ—ବୃନ୍ଦେ ! ଇଏ ଅଉ ବଡ଼ କଥା କଅଣ ? ରାଧା ଯେ ମୋ ଅଙ୍ଗର ଅର୍ଦ୍ଧ, ଦେହର ପ୍ରାଣ, ନାସାର ନିଶ୍ୱାସ, ହସ୍ତର ଅଙ୍ଗୁଳି । ସର୍ବଦା ରାଧା ସଙ୍ଗରେତ ମୁଁ ଯୁଗଳ ଭାବରେ ରହିବାପାଇଁ ଲାଳାୟିତ, କେବଳ ତୁମେମାନେ ବ୍ୟସ୍ତ କରାଅ ବୋଲି ମୁଁ ଡ଼ର ଡ଼ର ରହିଥାଏଁ ଅଷ୍ଟ ପ୍ରହରର ଯୁଗଳ ଭାବରେ ରହି ତୁମ ବାସନା ପୂର୍ଣ୍ଣ କରୁଛି ଦେଖ । ଦୂତୀକେ ! ରାଧା ନିକଟରେ ମୁଁ କେତେ ଋଣୀ । ଏ ଋଣରୁ ମୁଁ ସହଜରେ ମୁକ୍ତ ପାଇବି ନାହିଁ, ଏ ଋଣମଧ୍ୟ ଏ ଜୀବନରେ ପରିଶୋଧ କରି ପାରିବି ନାହିଁ । ରାଧା ପ୍ରେମ ଋଣରେ ମୁଁ ଚିରକାଳ ବନ୍ଧା ଅଛି ।

ଗୀତ ।

ରାଧା ପ୍ରେମ ଋଣେ ମୁହିଁ ଚିରକାଳ ବନ୍ଧା ।
ଇହକାଳେ ପରକାଳେ ମହାଜନ ରାଧା ।
ମୁହିଁ ଖାତକ ତାର (ତେଣୁ)
ଲେଖି ଦେଇ ଅଛି ଋଣ ପତର ।
ଦସ୍ତଖତ କରି ନିଜହସ୍ତର । ମୁଁ ଖାତକ ତାର । ୧ ।
ରାଧା ଭାବ ରାଧା ପ୍ରେମ ରାଧା କାନ୍ତି ଧରି ।
ଅନ୍ୟ ଛଳେ ହେଉ ମୁହିଁ ଦାଣ୍ଡର ଭିଖାରି ।
ରାଧା ନାମକୁ ଗାଇ । (ବୁଲଇ ମୁଁ)

Digitized by srujanika@gmail.com

ଆନନ୍ଦେ ପ୍ରେମ ଡମ୍ବରୁ ବଜାଇ ଗୋ ।
(ରାଧା) ନାମକୁ ଗାଇ ।
ଦ୍ୱାରେ ଦ୍ୱାରେ ଭିକ୍ଷା ମାଗିବି ଯାଇଁ ଗୋ । ନାମକୁ ଗାଇ ।୨।
ମନେ ମନେ ସ୍ଥିର କରିଅଛି ବୃନ୍ଦେ ଏହି ମନ ଅଭିଳାଷ ।
ପୂରଣ ହୋଇବ ଯେତେବେଳେ ଏହା ହେବେ ବା ହେବି ଖଲାସ ।
ରାଧା ଋଣରୁ ସିନା (ମୁକୁଳିବି) ରାଧା ଋଣରୁ ସିନା ।
କହିଲି ମରମ ଜାଣ ନବୀନା ଗୋ । ୩ ।

ବୃନ୍ଦା—ହଇହେ ଚତୁରେଶ୍ୱର ! ରାଧା ପ୍ରେମରେ ଯଦି ତୁମ୍ଭେ ଋଣୀ ଅଛ ବୋଲି ସ୍ୱୀକାର କରୁଛ ? ସମୟ ସମୟରେ ପ୍ରେମମୟୀଙ୍କ ଦର୍ଶନ ଦେବାକୁ କୁଣ୍ଠିତ ହୁଅ ଯେ, ଏ କଣ ପ୍ରତିଶୋଧନା କଅଣ ?

ଶ୍ରୀକୃଷ୍ଣ—ବୃନ୍ଦେ ! ବୁଝି ପାରୁନାହଁ କି ? ଏ ମୋର ସ୍ୱଭାବ, ମୋ ଭକ୍ତବତ୍ସଳ ନାମର ଏ ଲକ୍ଷଣ । ମୋତେ ଯେ ଯେପରି ଆକୁଳରେ ଡାକେ ମୁଁ ତାକୁ ସେହିପରି ପୁଣି ଆକୁଳିତ ଭାବ ଦିଏଁ କାହିଁକି ନା, ଏଥିରୁ ଭକ୍ତମାନଙ୍କ ମନ ପରୀକ୍ଷା କରୁଥାଏ ବହୁ ଦୁଃଖ ସହ୍ୟକରି ଯଦି ମୋଠାରେ ସେହିପରି ମନ ପ୍ରାଣ ସମର୍ପି ଥାଏ, ଶେଷରେ ମୁଁ ତାହାର ସମସ୍ତ ଦୁଃଖ ତାପ ଦୂର କରି ପ୍ରେମାଲିଙ୍ଗନ ଦ୍ୱାରା କୋଳେଇ ନିଏ । ରାଧା ଯେ ମୋର ସବୁ ଭକ୍ତଙ୍କର ପରେ ବଡ଼, ମୁଁ ଯଦି ଭକ୍ତାଧୀନ ତେବେ ରାଧାର ମୁଁ କି ଭଳି ଅଧୀନ ତାହା ବିବେଚନା କରି ଦେଖିତ ଭଲା ?

ବୃନ୍ଦା—ବୁଝିଲି ବୁଝିଲି, ତୁମ୍ଭ କହିବା ମର୍ମ୍ମ ସବୁ ବୁଝିଲି । ସେ ଯାହା ହେଉ ଶ୍ୟାମ, ଏବେ ମୋ ଅନୁରୋଧଟା ରକ୍ଷା ହେବ କି ନାହିଁ କହିଲ ଦେଖି ?

Digitized by srujanika@gmail.com

ଶ୍ରୀକୃଷ୍ଣ—ତୁମ୍ଭ ଅନୁରୋଧ କଅଣ ?

ବୃନ୍ଦା—ଭୁଲିଗଲ କି ମନୁ ? ଏ କୁସୁମ ଶେଯ କାହିଁକି ହୋଇଚି ?

ଶ୍ରୀକୃଷ୍ଣ—ହଁ ହଁ ତୁମ୍ଭ ଅଭିଳାଷ ପୂର୍ଣ୍ଣ କରୁଚି ଏହିକ୍ଷଣି, [ଏହାକହି ଶ୍ରୀରାଧାଙ୍କ ପ୍ରତି] ଆସ ପ୍ରେମମୟୀ ରାଧେ ! ଏ କୁସୁମ ତଳପେ ବସି ମୋର ଅଙ୍କେ, ପୂର୍ଣ୍ଣକର ସଖିଙ୍କର ମନର ବାସନା ।

ଶ୍ରୀରାଧା—ହେଉ ପ୍ରଭୁ ! ଯାହା ଆଜ୍ଞା ହେଉଛି ଶ୍ରୀମୁଖୁଁ, ପାଳିବ ଅବଶ୍ୟ ଦାସୀ ନ କରଣ ହେଳା ।

(ଏହା କହି ପୁଷ୍ପ ଶଯ୍ୟାରେ ଶ୍ରୀକୃଷ୍ଣଙ୍କୁ ଅଲିଙ୍ଗନ କରି ବିଜୟ କଲେ)

ଲଳିତା—ସଖି ! ଦେଖିଲଣି ଗୋ ନିକୁଞ୍ଜ ଫୁଲ ଶେଯରେ ରାଧା ଗୋବିନ୍ଦ କି ସୁନ୍ଦର ଦିଶୁଛନ୍ତି ?

ଗୀତ ।

ଚାହିଁରେ ନିକୁଞ୍ଜ ଶେଯକୁ । (ଚାହିଁରେ)
ଜୀବନର ବନ୍ଧୁ ରାଧା ଗୋବିନ୍ଦ ଯୁଗଳକୁ । ପଦ ।

କେତେ କାଳରୁ ଉଦିଷ୍ଟ, ବାଛି ରଖିଥିଲୁ ଇଷ୍ଟ ।
ସଂସାରଧାର ସୁଷମା ସମ୍ପତ୍ତି ବ୍ରଜକୁ । ୧ ।

ସୁମନ ତଳ୍ପ ଉପରେ, କଣ୍ଠ ପରମ ତୋଷରେ ।
ଧରିଲ ପର ଦିଶୁଛି ସୁନା ପଙ୍କଜକୁ । ୨ ।

ହେଉ ଚାରିଅଖି ଏକା, ହସୁ ପ୍ରିୟ ଶ୍ରୀ ରାଧିକା ।
କାନ୍ତକରେ ଲୁଚୁଇଛି ଲୋଚନ ଭୃଙ୍ଗକୁ । ୩ ।

ଅଚଳଚପଳା ହୃଦେ, ବହୁ ଘନ ହେଲେ ଉଦେ ।
ଉଜ୍ଜଳ ଦଶା ପଡ଼ିବ ମଦନ ଧ୍ୱଜକୁ । ୪ ।

Digitized by srujanika@gmail.com

ଏ ବୃନ୍ଦରେ ଅଷ୍ଟ ବନ୍ଧୁ, ଥିବା ନନ୍ଦଙ୍କର ସଙ୍ଗ ।
ଜନ୍ମାନ୍ତର ପୁଣ୍ୟଫଳ ଘଟିଛି ଅଜସ୍ର । ୫ ।

(୰ଗୋପାଳ କୃଷ୍ଣ)

(ସଖିଗଣ ସଙ୍ଗେ ଗୋବିନ୍ଦ ଜୟ ଶ୍ରୀ ରାଧେ ଗୋବିନ୍ଦ ଜୟ ବୋଲି ଗାନ କଲେ ଓ ପ୍ରେମଭରେ ନୃତ୍ୟ କରିବା ସମୟେ)

ପରଦା ପତନ ।

ଇତି ଶ୍ରୀ ମିଳନମାଧୁର୍ଯ୍ୟ ଅଭିନୟ ସମ୍ପୂର୍ଣ୍ଣ ।

Printed by Nityananda Sahoo A- Press Cuttack

Digitized by srujanika@gmail.com

ବିଜ୍ଞାପନ ।

ବାବାଜି ବୈଷ୍ଣବଚରଣ ଦାସଙ୍କ କୃତ ନାଟକାବଳି ଯାହାକି ମୋହନ ଗୋସ୍ୱାମୀ ଅଭିନୟ କରି ସର୍ବସାଧାରଣଙ୍କୁ ଦେଖାଉଛନ୍ତି ଓ ଦେଖାଇ-ଛନ୍ତି ସେ ସମସ୍ତ ନାଟକ ପ୍ରକାଶିତ ହୋଇଅଛି । କଟକ ବାଲୁବଜାର ଦାଶରଥି ପୁସ୍ତକାଳୟରେ ତଲ୍ଲାସ କଲେ ପାଇ ପାରିବେ ।

ଶ୍ରୀକୃଷ୍ଣଙ୍କର ଜନ୍ମଲୀଳା ନାଟକ	
,, ପ୍ରଥମ	ଟ° ।/
,, ଦ୍ୱିତୀୟ	ଟ° ।/
,, ବାଲ୍ୟଲୀଳା ୧ମ	ଟ° ।
,, ,, ୨ୟ	ଟ° ।
,, ପୌଗଣ୍ଡଲୀଳା ନାଟକ	ଟ° ।√
ବସନ୍ତ ଉତ୍ସବ ନାଟକ	ଟ° m/
ବରହମାନ ନାଟକ	ଟ° ।
ଦୁର୍ଜୟମାନ ନାଟକ	ଟ° ।
ମାନଭଞ୍ଜନ ନାଟକ	ଟ° ।
ଶାରଦୀୟ ରସଲୀଳା ନାଟକ	ଟ° ।
ଦୋଳଲୀଳା ନାଟକ	ଟ° m/
କାଳୀୟଦମନ ନାଟକ	ଟ° /୭
କୃଷ୍ଣକାଳି ନାଟକ	ଟ° √
ବସନ୍ତଲୀଳା ନାଟକ	ଟ° ।
ଗୀତଗୋବିନ୍ଦ ନାଟକ	ଟ° ।/
କଳଙ୍କଭଞ୍ଜନ ନାଟକ	ଟ° ।
ରାଇରାଜା ନାଟକ	ଟ° ।

ଗୋବର୍ଦ୍ଧନ ଲୀଳା ନାଟକ	ଟ° m/
ଯଶୋଧାଚନ୍ଦ୍ର ନାଟକ	ଟ° √
ନିକୁଞ୍ଜମିଳନ ନାଟକ	ଟ° m/
ବିଦଗ୍ଧବିଳାସ ନାଟକ	ଟ° ।
ସଖୀପରୀକ୍ଷା ନାଟକ	ଟ° √
ବସ୍ତ୍ରହରଣ ନାଟକ	ଟ° ।
ମିଳନମାଧୁରୀ ନାଟକ	ଟ° √
ଶ୍ରୀରାଧାପ୍ରେମଲୀଳାନାଟକ	ଟ° ।
ଗୋଷ୍ଠବିହାର ନାଟକ	ଟ° m/
ବୃନ୍ଦାବନ କୀର୍ତ୍ତନ ୧ମ	ଟ° m/
,, ୨ୟ	ଟ° m/
,, ୩ୟ	ଟ° √
,, ୪ର୍ଥ	ଟ° √
ସଙ୍ଗୀତ ମୋହନବଂଶୀ ୧ମ	ଟ° √
,, ,, ୨ୟ	ଟ° √
,, ,, ୩ୟ	ଟ° √
,, ,, ୪ର୍ଥ	ଟ° √
ସଙ୍ଗୀତ ସୁଧା (ଦାସ)	ଟ° ।

ଦାଶରଥି ପୁସ୍ତକାଳୟ, ବାଲୁବଜାର,
ପୋଃ ଅଃ ଚାନ୍ଦିନୀଚୌକ କଟକ ।

Digitized by srujanika@gmail.com